ଧରିତ୍ରୀ
DHARITRI
January 21-27, 2024 ₹ 2/-

ଧରିତ୍ରୀ DHARITRI 50 Years

# ଛୁଟିଦିନ





# ଗାଁ ଦେଶରେ ଯା'ର ନାଁ

ଗାନ୍ଧିଜୀ କହିଥିଲେ ଭାରତର ଆତ୍ମା ଗାଁରେ ଅଛି। ଗାଁର ଉନ୍ନତିରେ ଦେଶର ଉନ୍ନତି। ଯାହା ଏବେ ପ୍ରମାଣ କରି ଦେଖେଇଛନ୍ତି ଏହିସବୁ ଗାଁ। ଶିକ୍ଷା ହେଉ କି ସ୍ୱଚ୍ଛତା ଏପରି କି ରୋଜଗାର କ୍ଷେତ୍ରରେ ବି ଏଇସବୁ ଗାଁ ବେଶ୍ ନାଁ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି; ଯାହାକୁ ନେଇ ଏଥରର ଉପସ୍ଥାପନା...

ପ୍ରଚ୍ଛଦ ପ୍ରସଙ୍ଗ
୩



# ଛୋଟଘର ବି ଲାଗିବ ବଡ଼

**ବଡ଼ ଆଉ ସୁନ୍ଦର ଘରଟେ ହେଇଥିବା। ରୁମ ଗୁଡିକ ଖୋଲା ଖୋଲା ଲାଗୁଥିବା। ଏମିତି ଇଛା ତ ସମସ୍ତଙ୍କର ଥାଏ। କିନ୍ତୁ ଜାଗା ଓ ଟଙ୍କାର ଅଭାବ ଏହି ଇଛାକୁ ମାରିବାକୁ ବାଧ କରେ। କିନ୍ତୁ ଏହାର ବି ସମାଧାନ ଅଛି। ଆପଣ ଚାହିଁଲେ ଘରର ଇଣ୍ଟେରିୟରକୁ ବଦଳାଇ ଆପଣଙ୍କ ଘରକୁ ସ୍ପେସିଅସ୍ ଲୁକ୍ ଦେଇପାରିବେ..**



▸▸ଘରର ରଙ୍ଗ ଯଦି ଧଳା କିମ୍ବା ଲାଇଟ୍ କଲର ରଖିବେ ତା'ହେଲେ ଘର ବଡ଼ ଲାଗିବ।

▸▸ଘରର ସବୁ ରୁମ୍‌ରେ ଏକା ଶେପ୍‌ର ତଥା ଏକା ରଙ୍ଗର ଟାଇଲ୍ସ ହେଉକି ମାର୍ବଲ ବ୍ୟବହାର କରିବା ଦ୍ୱାରା ବି ଘର ବଡ଼ ଦେଖାଯାଇ ଥାଏ।

▸▸ବେଡ୍‌ରୁମରେ ଯେତେ ସମ୍ଭବ କମ୍ ଜିନିଷ ରଖନ୍ତୁ।

▸▸ବେଡ୍‌ରୁମ୍‌ର ସବୁ କାନ୍ଥକୁ ଲାଇଟ୍ କଲର କରି ଗୋଟେ କାନ୍ଥକୁ ଡିପ୍ କରନ୍ତୁ। ନଚେତ୍ ଟାଇଲ୍ସ ବା ୱାଲପେପର ଲଗାନ୍ତୁ। ଘର ସୁନ୍ଦର ଦେଖାଯିବା ସହ ବଡ଼ ଦେଖାଯିବ।

▸▸ଲିଭିଂ ରୁମରେ ସୋଫା ଯଦି ଲମ୍ବାରେ ପକାଇବେ ଘର ବଡ଼ ଦେଖାଯିବ। ତା'ସହ ଏଠାରେ କମ୍ ଫର୍ଣ୍ଣିଚର ରଖନ୍ତୁ।

▸▸ଯଦି ଆପଣଙ୍କର ମଡ୍ୟୁଲାର କିଚେନ୍ ହୋଇଥାଏ ତା'ହେଲେ କ୍ୟାବିନେଟରେ ଯେତେ ସମ୍ଭବ କମ୍ ହ୍ୟାଣ୍ଡେଲ କରନ୍ତୁ। ଏହାକୁ ବି ଲାଇଟ୍ କଲର୍ ରଖନ୍ତୁ, ଘର ବଡ଼ ଦେଖାଯିବ।

▸▸ଘରର କାନ୍ଥକୁ ବଡ଼ ବଡ଼ ମିରର୍ ବା ବଡ଼ କାଚରେ ଡେକୋରେଟ୍ କରନ୍ତୁ, ଘର ବଡ଼ ଲାଗିବ।

▸▸ଝରକାର ସ୍କ୍ରିନ୍ ବହୁତ ଲମ୍ବା କରି ଲଗାନ୍ତୁ। ଏଥିରେ ବି ଘର ବଡ଼ ଦେଖାଯିବ।

▸▸ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଘରେ ସମସ୍ତ ଜିନିଷକୁ ବ୍ୟବସ୍ଥିତ କରି ରଖିବା ; ନଚେତ୍ ଘର ଅପରିଷ୍କାର ସାଙ୍ଗକୁ ଛୋଟ ଲାଗିଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁଆରୀ ୨୧-୨୭

### ମେଷ



ଯାତ୍ରା ସଫଳ ହେବ, ମନୋବଳ ହରାନ୍ତୁ ନାହିଁ, ସବୁକିଛି ଠିକ୍ ହୋଇଯିବ, ପ୍ରଶଂସା ପାଇବେ, ପରୋପକାରରୁ ପ୍ରଶଂସା, ସ୍ନାୟବିକ ଦୁର୍ବଳତା ଅନୁଭବ, ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ, ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ, ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି ॥

### ବୃଷ



ସାମାଜିକ ସମ୍ମାନ ପାଇବେ, ମିତ୍ରତା ବୃଦ୍ଧି, ଦୂରଯାତ୍ରା କରିବେ, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ, ଅଭିଳଷିତ ଫଳ ପାଇବେ, ଆନୁଷ୍ଠାନିକ କର୍ମାରମ୍ଭ, ଆତ୍ମୀୟସ୍ୱଜନଙ୍କ ପାଇଁ ଦୁଶ୍ଚିନ୍ତା, ବକେୟା ଅର୍ଥପ୍ରାପ୍ତି ହେବ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ ॥

### ମିଥୁନ



ସାହାଯ୍ୟ ସହଯୋଗପ୍ରାପ୍ତି, କାର୍ଯ୍ୟ ତ୍ୱରାନ୍ୱିତ ହେବ, ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି, ବିଭିନ୍ନ ସୂତ୍ରରୁ ରୋଜଗାର, ଭୁଲ୍ ଖବରରୁ ବ୍ୟସ୍ତତା, ଖର୍ଚ୍ଚଭାର ବୃଦ୍ଧିରୁ ଦୁଶ୍ଚିନ୍ତା, ପରିବହନରେ ସମସ୍ୟା,ଗୃହବିବାଦ ଲାଗିପାରେ ॥

### କର୍କଟ



ପାରିବାରିକ ସଦ୍‌ଭାବ ବୃଦ୍ଧି, ପରିସ୍ଥିତି ବଦଳିଯିବ, ପ୍ରତୀକ୍ଷିତ ଖବରପ୍ରାପ୍ତି, ଅତିଥିଚର୍ଚ୍ଚାରୁ ଆତ୍ମତୃପ୍ତି, ସାହିତ୍ୟସଙ୍ଗୀତରେ ଅନୁରାଗ ବଢ଼ିବ, ବନ୍ଧୁ ଘରକୁ ଆସିବେ, ଧର୍ମକାର୍ଯ୍ୟରେ ଯୋଗଦାନ ।

### ସିଂହ



ପୂର୍ବସମସ୍ୟାର ସମାଧାନ, ନୀତିଗତ କାମରୁ ପ୍ରଶଂସା, ଦୃଢ ପଦକ୍ଷେପ ନେବେ, ଭାବ ପ୍ରବଣତା ବୃଦ୍ଧି ପାଇବ, ପରିବାରରେ ଝଗଡା, ଭୁଲ କାମ କରିପାରନ୍ତି, ସାମାଜିକ ସ୍ତରରେ ସମ୍ମାନ, ବିଦେଶଯାତ୍ରାର ସୁଯୋଗ ॥

### କନ୍ୟା



ନୂତନ କର୍ମାରମ୍ଭର ଯୋଜନା, ପାରିବାରିକ ସହମତି, ବନ୍ଧୁବର୍ଗଙ୍କ ସହଯୋଗ, ମାନସିକ ଶାନ୍ତି, କର୍ମକ୍ଷେତ୍ରରେ ବିବାଦ, ଉପରିସ୍ଥଙ୍କ ତାଗିଦା, କୈଫିୟତ ତଲବ ହୋଇପାରେ, ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ, ଶୁଭଖବର ପାଇବେ, ସତ୍‌ସଙ୍ଗର ସୁଯୋଗ, ଧର୍ମକାର୍ଯ୍ୟ ପ୍ରତି ରୁଚି ବଢ଼ିବ ॥

### ତୁଳା



କର୍ମଦକ୍ଷତାରୁ ପ୍ରଶଂସା, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ସରକାରୀ ସାହାଯ୍ୟ, ପ୍ରଶାସନିକ ନିଷ୍ପତି, ଯାନ୍ତ୍ରିକ ଜିନିଷ କ୍ରୟ କରିବେ, ନିର୍ମାଣ ପୂର୍ଣ୍ଣାଙ୍ଗ ହେବ, ସମ୍ମାନନୀୟ ବ୍ୟକ୍ତିଙ୍କ ବଦାନ୍ୟତା, ଶତ୍ରୁତାର ଅବସାନ ଘଟିବ, ଦୂରଯାତ୍ରାର ଯୋଜନା ॥

### ବିଛା



ଦୈହିକ ଦୁର୍ବଳତା, ଅଣ୍ଟାଆଣ୍ଠୁରେ ବ୍ୟଥାନୁଭବ, ସମୟାନୁବର୍ତ୍ତିତାରୁ ପ୍ରଶଂସା, ସଭାସମିତିକୁ ନିମନ୍ତ୍ରଣ, ଆନୁଷ୍ଠାନିକ କର୍ମାରମ୍ଭ, ସାଂସ୍କୃତିକ କାର୍ଯ୍ୟକ୍ରମ, ପଡୋଶୀଙ୍କ ପ୍ରତାରଣା, ବନ୍ଧୁମିଳନରୁ ଖୁସୀ, ଶିଳ୍ପବାଣିଜ୍ୟରେ ଉନ୍ନତି ॥

### ଧନୁ



ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ, ମିଥ୍ୟାଭିଯୋଗ ଆସିପାରେ, ଅସାବଧାନତାରୁ ଅର୍ଥହାନୀ, ଅବହେଳାରୁ କୈଫିୟତ ତଲବ, ପ୍ରକାଶନରେ ବିଳମ୍ବ,ଏଜେନ୍‌ସିପ୍ ବଢ଼ିବ, ବିବାହପ୍ରସ୍ତାବ ଆସିପାରେ, ଆମଦାନୀ କାରବାରରୁ ଲାଭ, କଚେରୀ ମାମଲା ।

### ମକର



ଇଚ୍ଛା ବିରୁଦ୍ଧରେ କାମ, ଆଦେଶପ୍ରାପ୍ତରୁ ଦୂରଯାତ୍ରା, ପ୍ରକାଶନରେ ବିଳମ୍ବ, ତୀର୍ଥାଯାତ୍ରା ପାଇଁ ଯୋଜନା, ବନ୍ଧୁ ଅଭିମାନ କରିପାରନ୍ତି, ପଡୋଶୀଙ୍କ ଲଘୁକ୍ରୋଧ, ନିଜ ଲୋକଙ୍କ ବିଶ୍ୱାସ ଘାତକତା ଓ ସନ୍ଦେହ ପାଇଁ କଷ୍ଟ, ପରିବହନରେ ସମସ୍ୟା ॥

### କୁମ୍ଭ



ବୈବାହିକ କାମର ଆଲୋଚନା, ସନ୍ତାନଙ୍କ ପଢା ସମସ୍ୟା, ନୂତନବନ୍ଧୁ ସମ୍ପର୍କ, ଆର୍ଥିକ ଅନଟନ, ଭୁଲ୍ ବୁଝାମଣାରୁ ଯୁକ୍ତି ତର୍କ, ଧର୍ମଚର୍ଚ୍ଚା ପ୍ରତି ଆଗ୍ରହ, ସୁଯୋଗ ହରାଇପାରନ୍ତି, ସ୍ଥଗିତକର୍ମାରମ୍ଭରେ ନିଷ୍ଠାପରତା, ପାରିବାରିକ ସମସ୍ୟା ॥

### ମୀନ



ଅଭିଳାଷ ପୂରଣ ହେବ, ଦୂରବସ୍ଥା ଦୂର ହେବ, ଧୈର୍ଯ୍ୟ ହରା ହୁଅନ୍ତୁ ନାହିଁ, ବୁଝାମଣା ଠିକ୍ ରହିବ, କାମକୁ ପୂର୍ଣ୍ଣାଙ୍ଗ ରୂପ ଦେବେ, ଆୟ ତୁଳନାରେ ବ୍ୟୟ ବୃଦ୍ଧି, ବନ୍ଧୁଙ୍କ ଓଲଟା କଥା, ବୃତ୍ତି ବାଣିଜ୍ୟରେ ଉନ୍ନତି, ରଚନାତ୍ମକ କର୍ମାରମ୍ଭ, ଅନୁସନ୍ଧାନରେ ସଫଳତା, ପିତୃବର୍ଗରେ ପୀଡା ॥

# ଆମ୍ବପତ୍ର ଓ ବିଶ୍ୱାସ

ହିନ୍ଦୁଧର୍ମ ଅନୁଯାୟୀ, ପୂଜାପାଠ ସମୟରେ ଆମ୍ବପତ୍ର ଓ ଆମ୍ବ କାଠର ବ୍ୟବହାର କରିବା ଅତ୍ୟନ୍ତ ଶୁଭ ହୋଇଥାଏ। ଧର୍ମଶାସ୍ତ୍ରରେ ବି ଆମ୍ବପତ୍ରକୁ ନେଇ ଅନେକ କଥା କୁହାଯାଇଛି। ଯେମିତିକି: ଘରର ମୁଖ୍ୟଦ୍ୱାରରେ ଆମ୍ବପତ୍ରର ତୋରଣ ଲଗାଇଲେ, ଘରେ ସକାରାତ୍ମକ ଉର୍ଜାର ପ୍ରଭାବ ବଢିଥାଏ। ପରିବାର ସଦସ୍ୟଙ୍କୁ କାହାରି ଖରାପ ନଜର ପଡେ ନାହିଁ। ବାରମ୍ବାର ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେବାର ସୁଯୋଗ ମିଳେ ; ଯଦ୍ୱାରା ମନ ସବୁବେଳେ ଖୁସି ରହେ। ସେହିପରି କୁହାଯାଏ, ଗଙ୍ଗାଜଳରେ ଆମ୍ବ ପତ୍ରକୁ ବୁଡ଼ାଇ ଘରେ ପ୍ରତିଦିନ ଛିଞ୍ଚିଲେ ଘରୁ କ୍ରମେ ଆର୍ଥିକ ସମସ୍ୟା ଦୂର ହୋଇଥାଏ। ଅନ୍ୟପକ୍ଷେ ଯେ କୌଣସି ଶୁଭକାର୍ଯ୍ୟ ହେଉନା କାହିଁକି ପ୍ରଭୁ ଗଣେଶଙ୍କୁ ଆବାହନ କରିବା ସମୟରେ ତାଙ୍କ ନିକଟରେ ପବିତ୍ର ମନରେ ଆମ୍ବପତ୍ରଟିଏ ରଖିଲେ କାର୍ଯ୍ୟ ସଫଳ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି କେହି କେହି କୁହନ୍ତି, ଯଦି ପ୍ରତିଦିନ ଆମ୍ବଗଛ ମୂଳରେ ଜଳ ଅର୍ପଣ କରି ମୁଣ୍ଡିଆ ମରାଯାଏ, ତା'ହେଲେ ବ୍ୟବସାୟରେ ଉନ୍ନତି ହେବା ସହ କ୍ୟାରିୟରରେ



କିଛି ସମସ୍ୟା ଥିଲେ ତାହା ଧୀରେ ଧୀରେ ସମାଧାନ ହୋଇଯାଏ। ତେବେ ସେ ଯାହା ବି ହେଉ ଏସବୁ ହେଉଛି କେବଳ ଆସ୍ଥା ଓ ବିଶ୍ୱାସର କଥା ; ଏହାକୁ ମାନିବା ଓ ନ ମାନିବା ନିର୍ଭର କରେ ବ୍ୟକ୍ତିଙ୍କ ଭାବନା ଉପରେ।

# ପାଠକୀୟ

✲ ଏମାନେ କେଶ ହରାଇଛନ୍ତି ସତ, ହେଲେ ଟାହିଟାପରା ଭୟରେ ସମାଜଠୁ ମୁହଁ ଲୁଚାଇ ନାହାନ୍ତି। କେଶହୀନ ହୋଇ ବି ଆତ୍ମବିଶ୍ୱାସର ସୌନ୍ଦର୍ଯ୍ୟକୁ ମୁହଁରେ ବୋଳିଛନ୍ତି। ଖୋଲିକି ହସୁଛନ୍ତି। ଆଉ ବଦଳାଇ ଦେଇଛନ୍ତି ସୌନ୍ଦର୍ଯ୍ୟର ପରିଭାଷା। ଏଭଳି ଏକ ନିଆରା ଆଲେଖ୍ୟକୁ ନେଇ ପ୍ରସ୍ତୁତ ପ୍ରଚ୍ଛଦ ପ୍ରସଙ୍ଗ 'କେଶ ନ ଥାଇ ସୁନ୍ଦରୀ'ଟି ବେଶ୍ ହୃଦୟଛୁଆଁ ହୋଇଥିଲା। 'କେଉଁ ଗଛ କେଉଁ ଦିଗରେ ଲଗାଇବା ଶୁଭ', 'ବାମ୍ବୋ ପ୍ଲାଣ୍ଟ ଓ ବାସ୍ତୁ' ଆଦି ପାଠରୁ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

***– ପ୍ରଣବ ସାହୁ, କାକଟପୁର, ପୁରୀ***

✲ ଜନ୍ମରୁ ମୃତ୍ୟୁ ଯାଏ ନାରୀର ସାଥେ ସାଥେ ଥିବା ଏକମାତ୍ର ଅଳଙ୍କାର ହେଉଛି କେଶ। ଏଇ କେଶ ଯେତେ ଘନ ଓ ଲମ୍ବା ନାରୀ ଲାଗେ ସେତିକି ଆକର୍ଷଣୀୟା। ହେଲେ ସତରେ କ'ଣ କେଶ ହିଁ ନାରୀ ସୌନ୍ଦର୍ଯ୍ୟର ପରିଭାଷା ? ଯୁଗ ଯୁଗରୁ ତ ଏଇୟା ହିଁ ପ୍ରମାଣିତ ହୋଇଆସିଛି। ହେଲେ ଏବେ କେତେଜଣ ନାରୀ ସୌନ୍ଦର୍ଯ୍ୟର ଏହି ପରିଭାଷାରେ ଆଣିଛନ୍ତି ପରିବର୍ତ୍ତନ। ଦେଖାଇ ଦେଇଛନ୍ତି ଯେ ବିନା କେଶରେ ବି ସେମାନେ ସୁନ୍ଦରୀ। ଆଉ ଯାହାକୁ ନେଇ ପ୍ରସ୍ତୁତ କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'କେଶ ନ ଥାଇ ସୁନ୍ଦରୀ' ଏକ ନିଆରା ଆଲେଖ୍ୟ ହୋଇଥିଲା। 'ନିଆରା କ୍ୟାମ୍ପିଂ ସାମଗ୍ରୀ' ପାଠଟି ବି ବେଶ୍ ତଥ୍ୟପୂର୍ଣ୍ଣ ଥିଲା।

***– ପ୍ରଣିତା ସେଠୀ, ବିଞ୍ଝାରପୁର, ଯାଜପୁର***

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ ଶିଶୁ ସାହିତ୍ୟିକ, ବ୍ୟଙ୍ଗକବି, ହାସ୍ୟ ଅଭିନେତା ବ୍ରଜ ବିହାରୀ ସୁବୁଦ୍ଧିଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ମିଠାସ୍ୱର' ଶୀର୍ଷକ ଗପଟି ବେଶ୍ ମନଛୁଆଁ ଥିଲା। ସାଥୀର ଉତ୍ତର ବି ମତୁଆଲା କରୁଥିଲା। ସାହିତ୍ୟିକ କାମଦେବ ମହାରଣାଙ୍କ ପ୍ରଥମ ରୋଜଗାରର ଅନୁଭୂତି ବି ପ୍ରେରଣାଦାୟୀ ହୋଇପାରିଥିଲା। ସିନେମା ପୃଷ୍ଠାରେ ସ୍ଥାନିତ ନୟନତାରାଙ୍କ ଫଟୋଟି ବେଶ୍ ଆକର୍ଷଣୀୟ ଲାଗୁଥିଲା।

***– ପଦ୍ମନାଭ ସ୍ୱାଇଁ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର***

✲ ଚିତ୍ରରେ ଚିତ୍ରରେ ପରିବେଶ ଚିନ୍ତା କରୁଥିବା ଦୁଇ ଯୁବପ୍ରତିଭାଙ୍କର ଜୀବନ କାହାଣୀକୁ ନେଇ ଛୁଟିଦିନରେ ପ୍ରକାଶ ପାଇଥିବା ସ୍ୱତନ୍ତ୍ର ପୃଷ୍ଠାଟି ବେଶ୍ ମନଛୁଆଁ ହୋଇଥିଲା। ମଡେଲ୍ ମିରର୍‌ରେ ସନ୍‌ଲିସା ଖୁବ୍ ସୁନ୍ଦରୀ ଲାଗୁଥିଲେ। ସହର ପୃଷ୍ଠାରୁ ସ୍ୱଚ୍ଛ ଗାଁ ମୌଲିନଙ୍କ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ***– ଜନ୍ମାଞ୍ଜଳି ମିଶ୍ର, ସୁନ୍ଦରଗଡ଼***

✲ ବିବିଧା ପୃଷ୍ଠାରେ ସ୍ଥାନିତ 'ରଙ୍ଗିନ ଫୁଲର କଥା', '୧୦ଟି ବ୍ରଶରେ କରନ୍ତି ପେଣ୍ଟିଂ' ଆଦି ପାଠଗୁଡ଼ିକ ବେଶ୍ ନିଆରା ଥିଲା। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଶିଢ଼ିଘର' ଶୀର୍ଷକ ଲେଖାଟି ମନଛୁଆଁ ହେବା ସହିତ ଶିକ୍ଷଣୀୟ ହୋଇଥିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ମନଷ୍ଟର ଟ୍ରକ', 'ମହମ ବୋଲା କନିଆ', 'ଅଦୃଶ୍ୟ ବିଲ୍ଡିଂ' ଆଦି ଲେଖାଗୁଡ଼ିକ ଆଶ୍ଚର୍ଯ୍ୟକର ଲାଗୁଥିଲା। ***– ସରିତା ଜେନା, ବମିଖାଲ, ଭୁବନେଶ୍ୱର***

## ବିଶେଷ ଚିଠି




କେଶ ନ ଥାଇ ସୁନ୍ଦରୀ
ଥିଲା ଏକ ନିଆରା ଆଲେଖ୍ୟ,
କରୁଥିଲା କିମିଆ ସଭିଙ୍କୁ
ମନେ ଭରୁଥିଲା ଉନ୍ମାଦ।
ନିଆରା କ୍ୟାମ୍ପିଂ ସାମଗ୍ରୀ ବି
ଥିଲା ଏକ ଅଜବ ବିଷୟ,
ତା'ସାଙ୍ଗକୁ ପୁଣି ମତୁଆଲା
କରୁଥିଲା ସାଥୀର ପ୍ରଶ୍ନମୟ।
ସହର, ସିନେମା, ବ୍ୟକ୍ତିତ୍ୱ ବି
ହୋଇଥିଲା ଭାରି ଚମତ୍କାର
ସେଥିପାଇଁ ଛୁଟିଦିନ ତୁମକୁ
କରୁଛି ଦୂରରୁ ନୀତି ନମସ୍କାର।

***– ପ୍ରସନ୍ନ କୁମାର ନାୟକ, ଜଗତ୍‌ସିଂହପୁର***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଗାଁ ଦେଶରେ ଯା'ର ନାଁ








**ଗାଁ** କହିଲେ ଦିନେ ଆଖିଆଗରେ ଭାସିଉଠୁଥିଲା କିଛି ନୁଆଁଣିଆ ଚାଳଘର, ଧାନ କ୍ଷେତ, ବରଓହଳ, ହଳଲଙ୍ଗଳ ଧରି ଗାଁ ଦାଣ୍ଡରେ ଚାଲି ଯାଉଥିବା ଚଷାପୁଅର ଚାଲି ଆଉ ସନ୍ଧ୍ୟାବେଳେ ଗାଈଗୋଠର ଧୂଳିଉଡ଼ା ଲେଉଟାଣିର ଝାପ୍ସା ଦୃଶ୍ୟ। ହେଲେ ଏବେ ସମୟ ସ୍ରୋତରେ ଗାଁର ପରିପାଟିରେ ଆସିଛି ଅନେକ ପରିବର୍ତ୍ତନ। ଶିକ୍ଷା ହେଉ କି ସ୍ୱଚ୍ଛତା ଏପରି କି ରୋଜଗାର କ୍ଷେତ୍ରରେ ବି କିଛି ଗାଁ ବେଶ୍ ନାଁ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କଲେଣି ; ଯାହାକୁ ନେଇ ଏଥରର ଉପସ୍ଥାପନା...

## ଝିଅ ଜନ୍ମ ହେଲେ ଉତ୍ସବ ହୁଏ ଏହି ଗାଁରେ

ରାଜସ୍ଥାନର ରାଜସମନ୍ଦ ଜିଲା ଅନ୍ତର୍ଗତ ଏକ ଗାଁର ନାଁ ହେଉଛି **ପିପଲାନ୍ତ୍ରି**। ଏହି ଗାଁରେ ଝିଅଙ୍କ ଶିକ୍ଷାଦୀକ୍ଷା ଓ ସୁରକ୍ଷା ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଇଥାଏ। ତା'ସହିତ ପରିବେଶକୁ ନେଇ ଏଠାକାର ଲୋକେ ଖୁବ୍ ସଚେତନ ରହିଥାନ୍ତି। ସେଥିପାଇଁ ଝିଅଟିଏ ଜନ୍ମ ହେବା ମାତ୍ରେ ତା'ରି ନାଁରେ ଏଠାରେ ୧୧୧ଟି ଗଛ ଲଗାଯିବା ସହ ଗୋଟିଏ ଫିକ୍ସଡ୍ ଡିପୋଜିଟ୍ କରିବା ବାଧ୍ୟତାମୂଳକ ହୋଇଥାଏ। ଏହା କେବଳ ଝିଅଟିର ମା'ବାପାଙ୍କର କର୍ତ୍ତବ୍ୟ ନୁହେଁ, ଏହି କାର୍ଯ୍ୟରେ ସମସ୍ତ ଗ୍ରାମବାସୀ ବି ତାଙ୍କୁ ପୂର୍ଣ୍ଣ ସହଯୋଗ କରିଥାନ୍ତି। ସେଥିପାଇଁ ଭାଇଚାରାର ଏକ ନିଆରା ଦିଗ୍‌ଦର୍ଶନ ଏହି ଗାଁରେ ଦେଖିବାକୁ ମିଳେ, ଯାହାକୁ ନେଇ କେବଳ ଭାରତରେ ନୁହେଁ ବିଦେଶରେ ବି ଅନେକ ଚର୍ଚ୍ଚା ହୁଏ। ତେବେ ଏହି ପରମ୍ପରା ଏଠାରେ ୨୦୦୬ ମସିହାରୁ ଆରମ୍ଭ ହୋଇଥିବା ସୂଚନା ରହିଛି। ସେତେବେଳେ ଏହି ଗାଁର ରୂପରେଖ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ପାଣିର ଅଭାବ ଯୋଗୁ ଚାଷବାସ ଭଲରେ ହୋଇ ପାରୁ ନ ଥିଲା। ବେରୋଜଗାରର ସମସ୍ୟା ଦେଖାଯାଉଥିଲା। ଯୁବପିଢ଼ି ନିଶାଗ୍ରସ୍ତ ହୋଇଯାଉଥିଲେ। ଶିକ୍ଷାର ବି ସେତେଟା ପ୍ରଚାରପ୍ରସାର ହୋଇପାରୁ ନ ଥିଲା। ଏହି ସମୟରେ ଶ୍ୟାମ ସୁନ୍ଦର ପଲିୱାଲ ନାମକ ଜଣେ ବ୍ୟକ୍ତି ନୂଆ ସରପଞ୍ଚ ଭାବେ ଉକ୍ତ ଗାଁର ଦାୟିତ୍ୱ ନେଲେ। ତା'ପରେ ଧୀରେ ଧୀରେ ଗାଁ ଉନ୍ନତି ଆଡ଼କୁ ଅଗ୍ରସର ହେଲା। ବର୍ଷାପାଣିକୁ ସଂରକ୍ଷଣ କରିରଖିବା ପାଇଁ ସରପଞ୍ଚ ଗାଁ ଲୋକଙ୍କୁ ଧରି ଗାଁରେ ବିଭିନ୍ନ ଜାଗାରେ ବଡ଼ ବଡ଼ ଖାଲମାନ କଲେ। ତା'ସହିତ ବୃକ୍ଷରୋପଣ ଉପରେ ମଧ୍ୟ ଧ୍ୟାନ ଦେଲେ। ପିଲାମାନେ ନିଶା ଛାଡ଼ି ଶିକ୍ଷାକୁ କେମିତି ଗୁରୁତ୍ୱ ଦେବେ ସେ ଦିଗରେ ବି ଅନେକ କାର୍ଯ୍ୟ କଲେ। କେବଳ ସେତିକି ନୁହେଁ ମହିଳାଙ୍କୁ ରୋଜଗାରକ୍ଷମ କରିବା ପାଇଁ ଏଠାରେ ଆଲୋଭେରା ଚାଷ ଉପରେ ମଧ୍ୟ ଗୁରୁତ୍ୱ ଦେଲେ। ଯଦ୍ଦ୍ୱାରା ମହିଳାମାନେ ସେଥିରୁ ଆଲୋଭେରା ଜୁସ୍ ଓ ଆଲୋଭେରା ଜେଲ୍ ଆଦି ତିଆରି କରି ରୋଜଗାରକ୍ଷମ ହୋଇପାରିଲେ। ଫଳରେ ଗାଁ କ୍ରମେ ବିକାଶ ଆଡ଼କୁ ଆଗଉ ଥିଲା। ହେଲେ ଏହି ସମୟରେ ହଠାତ୍ ତାଙ୍କର ଝିଅ କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ମୃତ୍ୟୁମୁଖରେ ପଡିଲା ; ଯାହାକି ତାଙ୍କୁ ଖୁବ୍ ବାଧିଥିଲା। ତା'ପରଠୁ ସିଏ ଗାଁର ପ୍ରତି ଝିଅଙ୍କ ଭିତରେ ନିଜ ଝିଅକୁ ଦେଖିଲେ ଆଉ ସେହି ଝିଅମାନଙ୍କର ଉନ୍ନତି ପାଇଁ କିଛିଟା ଦୃଢ଼ ପଦକ୍ଷେପ ନେଲେ। ଆଉ ସେ ବିଷୟରେ ଗ୍ରାମବାସୀଙ୍କୁ ବି ଅନେକ ବୁଝାଶୁଝା କରିବା ପରେ ଶେଷରେ ସେମାନେ ରାଜି ହେଲେ। ଗୋଟିଏ ହେଲା, ଝିଅଟିଏ ଜନ୍ମ ହେବା ପରେ ଗାଁ ଲୋକେ ମିଶି ସେହି ଝିଅ ନାଁରେ ଗାଁରେ ପ୍ରାୟ ୧୧୧ଟି ଗଛ (ମୁଖ୍ୟତଃ ନିମ୍ବ, ଅଁଳା, ଆମ୍ବ ଏବଂ ଶିଶମ ଗଛ ; ଯାହାର କାଠରୁ ଫର୍ନିଚର ଆଦି ତିଆରି ହୋଇଥାଏ) ଲଗାଇବା ସହ ଗଛଗୁଡ଼ିକ ଯେମିତି ବଞ୍ଚି ରହିବ ସେଥିପ୍ରତି ଧ୍ୟାନ ଦେବେ। ଏହାଦ୍ୱାରା ଦୁଇଟି ଫାଇଦା ହୁଏ। ପ୍ରଥମତଃ ଗାଁ ସବୁଜିମାରେ ଭରିଯାଇ ବର୍ଷା ଭଲ ହେବାରୁ ଚାଷବାସ ଭଲ ହୁଏ। ଦ୍ୱିତୀୟତଃ ସେହି ଝିଅଟି ବିବାହ ଯୋଗ୍ୟା ହେଲେ ଏଥିରୁ କିଛି ଗଛକୁ ବିକ୍ରି କରାଯାଇ ସେଥିରେ ତା'ର ବାହାଘର ଖର୍ଚ୍ଚ ଆଦି ତୁଲାଯାଇଥାଏ। ସେହିପରି ଆଉ ଗୋଟିଏ ନିୟମ ହେଲା ନବ ଜନ୍ମିତ ଝିଅ ନାଁରେ ୩୧ ହଜାର ଟଙ୍କାର ବ୍ୟାଙ୍କରେ ଏକ ଫିକ୍ସଡ୍ ଡିପୋଜିଟ୍ କରିବା ; ଯେଉଁଥିରୁ ୨୧ ହଜାର ଟଙ୍କା ଗ୍ରାମବାସୀ ପରସ୍ପର ଭିତରେ ଆଦାୟ କରି ଦେବେ ଏବଂ ୧୦ ହଜାର ଟଙ୍କା ଝିଅର ମା'ବାପା ଦେବେ। ଆଉ ଝିଅକୁ ୧୮ ବର୍ଷ ହେଲେ ଏହି ଟଙ୍କା ଉଠାଯାଇ ତା'ର ଉଚ୍ଚଶିକ୍ଷା ନିମନ୍ତେ ଖର୍ଚ୍ଚ କରାଯାଇଥାଏ। ଏହିସବୁ କାରଣ ପାଇଁ ଏବେ ଏହି ଗାଁରେ ଝିଅଟିଏ ଜନ୍ମ ହେବା ଏକ ଆଶୀର୍ବାଦ ବୋଲି କୁହାଯାଏ। ଆଉ ତାକୁ ସ୍ୱାଗତ କରିବାକୁ ଏଠାରେ ବାଜା, ଢୋଲ ବଜାଇବା ସହ ମିଠା ବଣ୍ଟାଯାଏ। ପରେ ସେହି ଝିଅଟି ବଡ଼ ହେଲେ ତା'ପାଇଁ ଲଗାଯାଇଥିବା ଗଛକୁ ସିଏ ପ୍ରତିବର୍ଷ ରାଖୀପୂର୍ଣ୍ଣିମାରେ ରାଖୀ ବାନ୍ଧିଥାଏ, ଯାହାକି ଏହି ଗାଁର ଆଉ ଏକ ନିଆରା ଆକର୍ଷଣ।

## ସବୁଜ ଗ୍ରାମର ପରିଚୟ ପାଇଥିବା ଗାଁ

ନାଗାଲାଣ୍ଡର ରାଜଧାନୀ କୋହିମାଠାରୁ ମାତ୍ର ୨୦ କି.ମି. ଦୂରରେ ଅବସ୍ଥିତ **ଖୋନୋମା** ନାମକ ଏକ ଗାଁକୁ ଭାରତର ପ୍ରଥମ ସବୁଜ ଗାଁ ବୋଲି କୁହାଯାଇଥାଏ। କାରଣ ବର୍ଷସାରା ଏହି ଗାଁର ଯେଉଁ ଆଡ଼କୁ ଚାହିଁବେ ସେଠି କେବଳ ଆପଣଙ୍କୁ ସବୁଜିମା ହିଁ ଦେଖାଯିବ। ପାହାଡ଼, ଜଙ୍ଗଲ ଦ୍ୱାରା ଘେରି ରହିଥିବା ଏହି ଗାଁ କୁଆଡ଼େ ୭୦୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା। ପ୍ରାୟ ୧୨୩ ବର୍ଗ କି.ମି. ପରିସୀମାବ୍ୟାପ୍ତ ଅଞ୍ଚଳ ଉପରେ ଗଢିଉଠିଥିବା ଖୋନୋମା ଗାଁରେ ପାଖାପାଖି ୪୦୦ରୁ ଊର୍ଦ୍ଧ୍ୱ ପରିବାର ବାସ କରିଥାନ୍ତି। ଆଉ ସେମାନେ ଗଡ଼ାଣିଆ ପାହାଡ଼ରେ ଖୁବ୍ ସୁନ୍ଦରଭାବେ ଲଗାଲଗି ଭାବେ ଘର ତିଆରି କରି ସେଥିରେ ରହିଥାନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା କରାଯାଉଥିବା ଟେରାସ୍ ଫାର୍ମିଂ ବା ପାହାଡ଼ରେ ଥାକ ଥାକ ହୋଇ ଚାଷ କରିବାର ଶୈଳୀ ବି ଏହି ଗାଁକୁ ଭିନ୍ନ ଏକ ପରିଚୟ ଦେଇଥାଏ। ସେହିପରି ଏହି ଗାଁକୁ ଘେରି ରହିଥିବା ପାହାଡ଼ ଜଙ୍ଗଲରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ କିସମର ଉଦ୍ଭିଦ ଦେଖାଯାଇଥାଏ। ତନ୍ମଧ୍ୟରୁ ପ୍ରାୟ ୭୦ କିସମ ହେଉଛି କେବଳ ଔଷଧୀୟ ଉଦ୍ଭିଦ। ସେହିପରି ପ୍ରାୟ ୮୪ ପ୍ରକାରର ବଣୁଆ ଫଳ, ପ୍ରାୟ ୧୧୬ ପ୍ରକାରର ବନ୍ୟ ପନିପରିବା, ପ୍ରାୟ ୯ ପ୍ରକାରର ଛତୁ ଏବଂ ପ୍ରାୟ ୫ ପ୍ରକାରର ରଞ୍ଜକ ଦ୍ରବ୍ୟ ଇତ୍ୟାଦି ସ୍ଥାନୀୟ ଜଙ୍ଗଲରୁ ମିଳିଥାଏ ବୋଲି ସୂଚନା ରହିଛି। ଏସବୁ ବ୍ୟତୀତ ଏଠାରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ବିଭିନ୍ନ ବନ୍ୟଜନ୍ତୁ, ସ୍ତନ୍ୟପାୟୀ ପ୍ରାଣୀ ଏବଂ ପକ୍ଷୀ ବି ଦେଖିବାକୁ ମିଳିଥାନ୍ତି। ତେବେ ଏହି ଗାଁର ବିଶେଷତା ହେଉଛି ଏଠାରେ ଗଛ କାଟିବା ଏବଂ ପଶୁପକ୍ଷୀ

→

ଗାନ୍ଧିଜୀ କହିଥିଲେ ଭାରତର ଆତ୍ମା ଗାଁରେ ଅଛି। ଗାଁର ଉନ୍ନତିରେ ଦେଶର ଉନ୍ନତି ଯାହା ଏବେ ପ୍ରମାଣ କରି ଦେଖେଇଛନ୍ତି ଏହିସବୁ ଗାଁ। ଶିକ୍ଷା ହେଉ କି ସ୍ୱଚ୍ଛତା ଏପରି କି ରୋଜଗାର କ୍ଷେତ୍ରରେ ବି ଏଇସବୁ ଗାଁ ବେଶ୍ ନାଁ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି; ଯାହାକୁ ନେଇ ଏଥରର ଉପସ୍ଥାପନା...









ଶିକାରକୁ ନେଇ କିଛିଟା କଡ଼ାକଡ଼ି ନିୟମ ରହିଛି। କିନ୍ତୁ ପୂର୍ବେ ଏହି ନିୟମ ଏଠି ନ ଥିଲା। ଏଠାରେ ବସବାସ କରୁଥିବା କିଛି ଆଦିବାସୀ ସମ୍ପ୍ରଦାୟର ଲୋକେ ଏଠି ପଶୁପକ୍ଷୀ ଶିକାର କରୁଥିଲେ। କ୍ରମେ ଏହା ସ୍ଥାନୀୟ ସରକାରଙ୍କ ଦୃଷ୍ଟିଗୋଚର ହେବାରୁ ଏଠାରେ ପଶୁପକ୍ଷୀ ଶିକାର ନ କରିବାକୁ ନେଇ ଅନେକ ଜନସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଗଲା। କିନ୍ତୁ ଏହାର କିଛି ସୁଫଳ ନ ମିଳିବାରୁ ପରେ ଏଠାରେ ଶିକାରକୁ ନେଇ ରୋକ୍ ଲଗାଗଲା। ତା'ଛଡ଼ା ସେଠାକାର କିଛି ଲୋକଙ୍କୁ ହିଁ କିଏ ଶିକାର କରୁଛି, କେତେବେଳେ କରୁଛି ତା'ଉପରେ କଡ଼ା ନଜର ରଖିବା ପାଇଁ ସ୍ୱତନ୍ତ୍ର ଦାୟିତ୍ୱ ମଧ୍ୟ ଦିଆଗଲା। ବାସ୍ ସେବେଠାରୁ ଏହା ସେମାନଙ୍କର ନିତିଦିନିଆ କାମ ଭାବି କେବଳ କିଛି ଲୋକ ନୁହେଁ ପୂରା ଗ୍ରାମବାସୀ ଜଙ୍ଗଲ ଓ ପଶୁପକ୍ଷୀ ସୁରକ୍ଷାକୁ ନେଇ ବେଶ୍ ସଚେତନ ରହିଆସିଛନ୍ତି। ତେଣୁ ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ଏଥିପ୍ରତି ସତର୍କ ରହିବା ନିହାତି ଜରୁରୀ। ସେହିପରି ଏହି ସ୍ଥାନକୁ ବୁଲିଯିବା ପୂର୍ବରୁ ପ୍ରବେଶ ଅନୁମତି ନେଇଯିବା ନିହାତି ଆବଶ୍ୟକ।



## ଶିକ୍ଷାକ୍ଷେତ୍ରରେ ନାଁ କରିଥିବା ଗାଁ

ଉତ୍ତରପ୍ରଦେଶର ଅଲିଗଡ଼ ଜିଲା ଅନ୍ତର୍ଗତ ଏକ ଗାଁ ହେଉଛି **ଧୌରାମାଫି**। ସୂଚନାନୁଯାୟୀ, ଏହି ଗାଁର ପ୍ରାୟ ୯୦ ପ୍ରତିଶତ ଲୋକ ହେଉଛନ୍ତି ଉଚ୍ଚ ଶିକ୍ଷିତ। ତନ୍ମଧ୍ୟରୁ ୮୦ ପ୍ରତିଶତ ଲୋକ ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟର, ପ୍ରଫେସର୍, ଆଇଏଏସ୍ ଅଫିସର ତଥା ଅନ୍ୟ ବଡ଼ ବଡ଼ ଅଧିକାରୀ ଭାବେ ଦେଶର ବିଭିନ୍ନ ସ୍ଥାନରେ ଏପରି କି କିଛି ଲୋକ ବିଦେଶରେ ମଧ୍ୟ ଯାଇ କାମ କରୁଥିବାର ନଜିର ରହିଛି। କେବଳ ସେତିକି ନୁହେଁ ଏହି ଗାଁର ପ୍ରତି ପରିବାରରୁ ଜଣେ ହେଲେ ଯିଏ ବି ସରକାରୀ ଚାକିରି କରୁଥିବାର ମଧ୍ୟ ତଥ୍ୟ ଅଛି। ତେବେ ଏହି ଗାଁ ଅଲିଗଡ଼ ସହରର ଖୁବ୍ ନିକଟରେ ରହିଛି ; ଯେଉଁଠାରେ ଅଛି ଅଲିଗଡ଼ ମୁସ୍‌ଲିମ୍ ୟୁନିଭର୍ସିଟି ; ଯାହାର କି ଖୁବ୍ ନାଁ ରହିଛି ଏଠାରେ। ସେଥିପାଇଁ ବାହାରୁ ବି ଅନେକ ବିଦ୍ୟାର୍ଥୀ ହୁଅନ୍ତୁ କି ପ୍ରଫେସର୍ ଆସି ଏହି ଗାଁ ନିକଟରେ ରହୁଥିବାର ସୂଚନା ରହିଛି। ଯଦ୍ଦ୍ୱାରା ଏଠାରେ ଶିକ୍ଷାର ପରିବେଶ ମୂଳରୁ ହିଁ ମଜଭୁତ ରହିଆସିଛି। ସେଥିପାଇଁ ଏହି ଗାଁରେ ପୁରୁଷ ହୁଅନ୍ତୁ କି ମହିଳା ସମସ୍ତେ କିଛି ନା କିଛି ଶିକ୍ଷାଲାଭ କରିବାରେ ସଫଳ ହୋଇପାରିଛନ୍ତି। ଆଉ ଖାସ୍ ଏହି କାରଣ ଯୋଗୁ ଧୌରାମାଫି ଗାଁର ଚର୍ଚ୍ଚା କେବଳ ଉତ୍ତର ପ୍ରଦେଶ କି ଭାରତରେ ନୁହେଁ ସମଗ୍ର ଏସିଆରେ ହେଉଛି। ସେଥିପାଇଁ ତ ୨୦୦୨ ମସିହାରେ ଏସିଆର ସବୁଠୁ ଶିକ୍ଷିତ ଗାଁ ଭାବେ ଏହି ଗାଁର ନାମକୁ ଲିମ୍‌କା ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ଦିଆଯାଇଛି। ତେବେ କେବଳ ଶିକ୍ଷା କାହିଁକି ବିଦ୍ୟୁତ୍ ହେଉ କି ଜଳ ଯୋଗାଣ ଏପରିକି ଡାକ୍ତରୀ ସୁବିଧାର ମଧ୍ୟ ଏଠାରେ କିଛି ଅସୁବିଧା ନାହିଁ।

## ସ୍ୱଚ୍ଛତାରେ ସବୁଠୁ ଆଗରେ ଏହି ଗାଁ

ମେଘାଳୟର ଇଷ୍ଟ ଖାସି ହିଲ୍ସ ଜିଲା ଅନ୍ତର୍ଗତ ଏକ ଗାଁ ହେଉଛି **ମୌଲିନ୍ନଙ୍ଗ**। ମୁଖ୍ୟତଃ ସ୍ୱଚ୍ଛତା ଦୃଷ୍ଟିରୁ ଏହି ଗାଁର ରହିଛି ସ୍ୱତନ୍ତ୍ର ପରିଚୟ। ଏଠାକାର ପ୍ରତ୍ୟେକଟି ଲୋକ ସ୍ୱଚ୍ଛତାକୁ ନେଇ ରହିଥାନ୍ତି ଖୁବ୍ ସଚେତନ। ଗାଁର କେଉଁଠି ଅଳିଆ ପଡିଥିବାର ଦେଖିଲେ କେହି କାହାକୁ ଅପେକ୍ଷା ନ କରି ଯେଝା ସମୟରେ ଯିଏ ତାହାକୁ ସଫା କରିଦିଅନ୍ତି। ସେହିପରି ରାସ୍ତାଘାଟ କେଉଁଠି ଭାଙ୍ଗି ଯାଇଥିଲେ କିମ୍ବା ଗାଁରେ ଅନ୍ୟ କୌଣସି ଛୋଟମୋଟ ସମସ୍ୟା ଉପୁଜିଲେ ଏଠାକାର ବାସିନ୍ଦା ପ୍ରଶାସନର ସହାୟତାକୁ ଅପେକ୍ଷା ନ କରି ନିଜ ନିଜ ଭିତରେ ଆପୋସ ବୁଝାମଣାରେ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଥାନ୍ତି। ସେଥିପାଇଁ ଏହି ଗାଁରେ ଭାଇଚାରାର ଏକ ନିଆରା ଉଦାହରଣ ଦେଖିବାକୁ ମିଳେ। ତା'ଛଡ଼ା ଗାଁକୁ ଆବର୍ଜନାମୁକ୍ତ ରଖିବା ପାଇଁ ଏଠାକାର ବାସିନ୍ଦା ପ୍ରତି ଘରର ଦୂଆର ମୁହଁରେ ଗୋଟିଏ ଗୋଟିଏ ବାଉଁଶର ଡଷ୍ଟବିନ୍ ଟଙ୍ଗାଇଥାନ୍ତି। ଆଉ ସମସ୍ତ ଅଳିଆ, ଆବର୍ଜନାକୁ ସେଥିରେ ପକାଇଥାନ୍ତି। ଆଉ ଯେବେ ସେହି ବାଉଁଶର ଡଷ୍ଟବିନ୍‌ଟି ପୂର୍ଣ୍ଣ ହୋଇଯାଏ, ତାକୁ ନେଇ ଗାତ କରି ପୋତି ଦେଇଥାନ୍ତି। କିଛିଦିନ ପରେ ତାହାକୁ ଖତ ଭାବେ ଚାଷଜମିରେ ନେଇ ବ୍ୟବହାର କରିଥାନ୍ତି। ଏହି ଉପାୟ ଯୋଗୁ ଏଠାକାର କୌଣସି ସ୍ଥାନରେ ଖୋଲାରେ ଅଳିଆ ଆବର୍ଜନା ପଡିଥିବାର ଦେଖିବାକୁ ମିଳେନାହିଁ। ଚାରିଆଡ଼ ପରିଷ୍କାର, ପରିଚ୍ଛନ୍ନ ଲାଗେ। ଆଉ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଠାରେ ପଲିଥିନ୍ ବ୍ୟବହାର ଓ ଧୂମପାନ କରିବା ସମ୍ପୂର୍ଣ୍ଣ ନିଷେଧ। ସେଥିପାଇଁ ତ ଟ୍ରାଭେଲ୍ ମାଗାଜିନ୍ ଡିସ୍‌କଭର ଇଣ୍ଡିଆ ତରଫରୁ ମୌଲିନ୍ନଙ୍ଗକୁ ୨୦୦୩ରେ ଏସିଆର ସବୁଠୁ ସ୍ୱଚ୍ଛ ଗାଁ ଏବଂ ୨୦୦୫ରେ ଭାରତର ସବୁଠାରୁ ସଫାସୁତରା ଗାଁ ଭାବେ ପୁରସ୍କାର ମିଳିସାରିଛି।

## ମିଳିଛି ଧନୀ ଗାଁର ପରିଚୟ

ଗୁଜରାଟର କଚ୍ଛ ଜିଲା ଅନ୍ତର୍ଗତ ଏକ ଗାଁ ହେଉଛି **ମାଧାପର**। ପ୍ରାୟ ୭୫୦୦ ଘର ଏଠାରେ ରହିଛି। କିନ୍ତୁ ଏଠାକାର ଅଧିକାଂଶ ଲୋକ ପାଠ ପଢି ବିଦେଶରେ ଖାସ୍ କରି ଆଫ୍ରିକା, ୟୁକେ, ଆମେରିକା ତଥା କାନାଡ଼ାରେ ଯାଇ ରହୁଥିବାର ସୂଚନା ରହିଛି। ବିଦେଶରେ ରହୁଥିଲେ ବି ସେମାନେ ତାଙ୍କର ଜମାପୁଞ୍ଜିକୁ ସେଠାକାର ବ୍ୟାଙ୍କରେ ନ ରଖି ନିଜ ଗାଁ ବ୍ୟାଙ୍କରେ ରଖିବାକୁ ଅଧିକ ପସନ୍ଦ କରିଥାନ୍ତି। ସେଥିପାଇଁ ସେମାନେ ନିଜ ଘର ଲୋକଙ୍କୁ ପ୍ରତିମାସରେ ମୋଟା ଅଙ୍କର ପଇସା ପଠାଇଥାନ୍ତି। ଆଉ ଘର ଲୋକେ ତାହାକୁ ନେଇ ଗାଁରେ ଥିବା ବ୍ୟାଙ୍କରେ ଜମା କରି ଦେଇଥାନ୍ତି। ସେଥିପାଇଁ ଏହି ଗାଁରେ ଗୋଟିଏ କି ଦୁଇଟି ନୁହେଁ ପ୍ରାୟ ୧୭ଟି ବ୍ୟାଙ୍କ ଥିବାର ଦେଖିବାକୁ ମିଳେ। ଆଉ ସେ ସବୁ ବ୍ୟାଙ୍କରେ ଏହି ଗାଁ ଲୋକେ ପ୍ରାୟ ୨୦୦୦ କୋଟି ଟଙ୍କା ଜମା କରିଥିବାର ସୂଚନା ରହିଛି ; ଯାହାକି ଚକିତ କରିଦେବା ଭଳି ଏକ କଥା। ତେବେ ଏହି ଗାଁରେ ରହୁଥିବା ବାକି ଲୋକ ଚାଷବାସ କରିବାକୁ ଭଲ ପାଇଥାନ୍ତି। ମକା, ଆମ୍ବ, ଆଖୁ ଏଠାରେ ଭଲ ଚାଷ ହୋଇଥାଏ। ଆଉ ସେହି ଚାଷରୁ ଯେଉଁ ପଇସା ଆସେ ସେଥିରେ ଘର ଚଳେ। ବାକି ବିଦେଶରୁ ଆସୁଥିବା ଟଙ୍କା ସବୁ ବ୍ୟାଙ୍କ୍‌ରେ ଜମା ହୋଇଯାଏ। ତେଣୁ ବ୍ୟାଙ୍କରେ ପ୍ରତିବର୍ଷ ସବୁଠାରୁ ଅଧିକ ଟଙ୍କା ଜମା ହେଉଥିବାର ଦୃଷ୍ଟିକୋଣରୁ ଦେଖିଲେ ଏହି ମାଧାପର ଗାଁର ନାଁ ସବୁଠୁ ଆଗରେ ରହିବ। ସେଥିପାଇଁ ତ ଏହାକୁ ଭାରତର ଏକ ଧନୀ ଗାଁ ଭାବେ ଗଣନା କରାଯାଇଥାଏ।

କେବଳ ଏତିକି ଗାଁ ନୁହେଁ, ଆମ ଦେଶରେ ଏମିତି ଆହୁରି ଅନେକ ଗାଁ ଅଛି ; ଯାହାର ବାସିନ୍ଦା କିଛି ନିଆରା କାମ କରି ନିଜ ଗାଁର ନାମକୁ ଚର୍ଚ୍ଚାର ପରିସରକୁ ଆଣିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି।

–ଅନ୍ୱିତା ମିଶ୍ର






# ଅବସୋସ ଗଣିଲେ ଅବସୋସ ବଢ଼େ



**କାହା ପାଇଁ ସେ ଜଣେ ଉଚ୍ଚକୋଟୀର ଉପସ୍ଥାପିକା ତ କିଏ ତାଙ୍କୁ ଜାଣେ ରାଜ୍ୟ ପୁରସ୍କାରପ୍ରାପ୍ତ ଅଭିନେତ୍ରୀ ଭାବେ। ଆଜିବି କସ୍ତୁରୀ, ବର୍ଣ୍ଣାଳୀ ପରି କାର୍ଯ୍ୟକ୍ରମର ଉପସ୍ଥାପିକା ଭାବରେ ଦର୍ଶକଙ୍କ ହୃଦୟରେ ଘର କରି ରହିଛନ୍ତି । ସେ ହେଉଛନ୍ତି ମଧୁମିତା ମହାନ୍ତି । ଜାଣନ୍ତୁ ତାଙ୍କ ସମ୍ପର୍କରେ...**

**ପିଲାଦିନ:** କଟକ, ଜରିପଡ଼ାରେ ଆମ ଗାଁ ହୋଇଥିଲେ ହେଁ ବାପା ଜଏଣ୍ଟ ସେକ୍ରେଟାରି ଥିବାରୁ ମୋର ପିଲାଦିନ ସମ୍ପୂର୍ଣ୍ଣଭାବେ ଭୁବନେଶ୍ୱରରେ କଟିଛି। ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପଢ଼ା ସରିବା ପରେ ବିଜେବି କଲେଜ ଓ ତା'ପରେ ବାଣୀବିହାରରେ ଏମ୍‌ଫିଲ୍ କଲି। ଜର୍ନାଲିଜମ୍ ଓ ଲ' ବି କରିଛି।

**ପେଣ୍ଟିଂ କରିବା, ଗୀତ ଗାଇବାରେ ଥିଲା ରୁଚି:** ପିଲାଦିନେ ମୋର ପେଣ୍ଟିଂ ଭଲ ହେଉଥିଲା। ସେଥିପାଇଁ ବାପା ପେଣ୍ଟିଂ ଶିଖାଇଥିଲେ। ଏହା ବାଦ୍ ଗୀତ ବି ଭଲ ଗାଉଥିଲି। ତେଣୁ ୫ ବର୍ଷ ବୟସରୁ ବାପା ମୋତେ ଲଳିତକଳା ପୀଠରେ ଗୀତ ଶିଖାଇବା ଆରମ୍ଭ କରିଥିଲେ। ପରେ ହିନ୍ଦୁସ୍ତାନୀ ଭୋକାଲରେ ସିକ୍ସଥ ଇୟର କମ୍ପ୍ଲିଟ୍ କଲି। ଗୀତରେ ଅନେକ ଥର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ସଫଳ ହୋଇଥିଲି। ୧୯୯୬ ଗ୍ଲୋରି ଫେଷ୍ଟରେ ମୁଁ କ୍ଲାସିକାଲ ଭୋକାଲରେ ଗାଇଥିଲି। ଆଉ ଟାଲେଣ୍ଟ କୁଇନ୍ ହୋଇଥିଲି। ଏହାପରେ ମୋର ଜଣେ ସାଙ୍ଗ କହିଲେ ଦୂରଦର୍ଶନରେ 'କସ୍ତୁରୀ' କାର୍ଯ୍ୟକ୍ରମ ହେଉଛି। ସେଥିରେ ଅଡିଶନ୍ ଦେଉନୁ। ଭାଗ୍ୟକୁ ଅଡିଶନ୍ ଦେଇ ସିଲେକ୍ଟ ହୋଇଗଲି। ଆଉ ମୋର ଆଙ୍କରିଂ କ୍ୟାରିୟର ଆରମ୍ଭ ହେଲା। ସେତେବେଳେ ଏହି କାର୍ଯ୍ୟକ୍ରମ ବହୁତ ଲୋକପ୍ରିୟ ହେଇଥିଲା।

**ଅଭିନୟ:** ଆଙ୍କରିଂ କରୁ କରୁ ମୋର ଅଭିନୟ ପ୍ରତି ମନ ବଳିଲା। ପ୍ରକୃତରେ କହିବାକୁ ଗଲେ ମୁଁ ଜାଣିବାକୁ ଚାହୁଁଥିଲି କଳାକାର କେମିତି ହସେ, କାନ୍ଦେ। ସେଇ ଅନୁଭୂତି ପାଇବାର ଜିଜ୍ଞାସାରେ ମୁଁ ବାପୁ ଲେଙ୍କାଙ୍କୁ କହିଥିଲି ଯେ ୧୦-୧୫ ଦିନ ପାଇଁ ଅଭିନୟ କରିବାକୁ ଚାହୁଁଛି। ଆଉ ସେ ମୋତେ 'କହୁଥିଲେ ସରିବନି' ଧାରାବାହିକରେ କାମ କରିବାର ସୁଯୋଗ ଦେଲେ। ୧୦-୧୫ ଦିନ ଅଭିନୟ କରିବି କହି କେତେବେଳେ ବର୍ଷ ପରେ ବର୍ଷ ବିତିଗଲା ଜଣାପଡ଼ିଲାନି। 'ମାଉସୀ', 'ସାରା ଆକାଶ', 'ଜୀବନଯମୁନାରେ ଜୁଆର ଉଠେରେ', 'ସ୍ୱାଭିମାନ', 'ଜୀବନସାଥୀ' ପରି ଅନେକ ଲୋକପ୍ରିୟ ଧାରାବାହିକରେ କାମ କଲି। ଧାରାବାହିକରୁ ପୁଣି ଚଳଚ୍ଚିତ୍ରରେ ବି କାମ କଲି।

**ପରିବାର ସହଯୋଗ:** ବାପା ଶରତ ମହାନ୍ତି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ଥିଲେ। ତାଙ୍କର ସବୁବେଳେ ଇଚ୍ଛା ଥିଲା ଯେ ମୁଁ କେମିତି କିଛି ଭିନ୍ନ ତଥା ସୃଜନଶୀଳ କାମ କରେ। ତେଣୁ ଯେତେବେଳେ ମୁଁ ଅଭିନୟ ଜଗତକୁ ଆସିଲି ସେ ବହୁତ ଖୁସି ହୋଇଥିଲେ।

**ଲଭ୍ ମ୍ୟାରେଜ୍:** ମୁଁ ଓ ଶୋଭନଜିତ ଗୋଟେ ସ୍କୁଲରେ ପଢୁଥିଲୁ। ସେତେବେଳେ ଆମ ଭିତରେ ଜମାରୁ ଭଲ ପାଇବା ନ ଥିଲା। ପରେ ବିଜେବି କଲେଜରେ ବି ଏକାସାଙ୍ଗରେ ପଢ଼ିଲୁ। ହେଲେ ଦୁହିଁଙ୍କ ଷ୍ଟ୍ରିମ୍ ଅଲଗା ଥିଲା। କମ୍ ବୟସରେ ସାଧାରଣତଃ ମଣିଷ ଭୁଲ୍ ନିଷ୍ପତ୍ତି ନେଇଥାଏ। ମାଚ୍ୟୋର ହେଲା ପରେ ମଣିଷ ତଉଲା ତଉଲି କରି ନିଷ୍ପତ୍ତି ନିଏ। ତେଣୁ ପ୍ରାପ୍ତ ବୟସରେ ସେ ଯେତେବେଳେ ମୋତେ ବାହା ହେବାକୁ ପ୍ରସ୍ତାବ ଦେଲେ, ପ୍ରଥମେ ତ ମୁଁ ମଜାରେ କହିଲି- ମତେ କ'ଣ ପାଗଳା କୁକୁର କାମୁଡ଼ିଛି ଯେ, ତତେ ବାହା ହେବି। ହେଲେ ପରେ ଭାବିଲି ହଁ ତାଙ୍କ ସହ ମୁଁ ଜୀବନ ବିତାଇପାରିବି। ତେଣୁ ବିବାହ ପାଇଁ ହଁ କରିଥିଲି।





**ସ୍ୱାମୀଙ୍କ ସହଯୋଗ:** ୟା' ଭିତରେ ବିବାହକୁ ୯ ବର୍ଷ ହୋଇଗଲାଣି। ବୈବାହିକ ଜୀବନ ସୁରୁଖୁରୁରେ ଚାଲିଛି। ଶୋଭନଜିତ ମୋତେ ବହୁତ ଭଲପାଆନ୍ତି। ସେ କେବେ ବି ମୋ ବ୍ୟକ୍ତିଗତ ଇଚ୍ଛାରେ ବାଧା ଦେଇନାହାନ୍ତି କି ମୋର କାମକୁ ନେଇ କେବେ ଅଭିଯୋଗ କରିନାହାନ୍ତି।

**ଉପହାର:** ଶୋଭନଜିତ କେବେ ବି ନିଜ କଥା ଭାବନ୍ତିନି। ତେଣୁ ମୁଁ ତାଙ୍କ ଜନ୍ମଦିନରେ ତାଙ୍କ ପାଇଁ ହେଲ୍‌ଥ ଇନ୍ସ୍ୟୁରାନ୍ସ କରିଥିଲି। ପ୍ରତିବର୍ଷ ତା'ର ପ୍ରିମିୟମ ବି ମୁଁ ଭରେ। ମୋତେ ଲାଗେ ଏଇଟା ନିଶ୍ଚିତଭାବେ ତାଙ୍କ ପାଇଁ ଏକ ଭଲ ଉପହାର। ଆଉ ମୋତେ ସେ ସବୁବେଳେ ତାଙ୍କ ପସନ୍ଦର ଡ୍ରେସ୍, ଶାଢ଼ି କିଣିକି ଦିଅନ୍ତି। କାରଣ ମୋ ଟଏସ୍ ଭଲ ନୁହେଁ ବୋଲି ସେ କୁହନ୍ତି।

**କାମରେ ବିରତି:** ମୋର ଯାଆଁଳା ପୁଅଝିଅ ଏବେ ମାତ୍ର ବର୍ଷେ ତିନି ମାସର। ତାଙ୍କ ପଛରେ ଦୌଡ଼ୁ ଦୌଡ଼ୁ ଅଭିନୟ କି ଆଙ୍କରିଂ କଥା ଭାବିବାକୁ ସମୟ ମିଳୁନି। ତଥାପି ସମୟ ବାହାର କରି ଫିଲ୍ମରେ କାମ କରିବା ଆରମ୍ଭ କରିଥିଲି। ହେଲେ ଥରେ ପାଞ୍ଚଦିନର ଶୁଟିଂ ସାରି ଘରକୁ ଆସି ଯେତେବେଳେ ପୁଅକୁ ଡାକିଲି ସେ ମୁହଁ ବୁଲାଇ ଚାଲିଗଲା। ପୁଅର ଏଭଳି ବ୍ୟବହାର ମୋତେ ଭାରି କଷ୍ଟ ଦେଇଥିଲା। ଭାବିଲି କାମ ପାଇଁ ହୁଏତ ମୁଁ ପିଲାଙ୍କଠୁ ଦୂରେଇଯାଇପାରେ। ତେଣୁ ଏବେ କାମରୁ ଟିକେ ବିରତି ନେଇଛି। ତଥାପି କେବେକେବେ ଆଙ୍କରିଂ ସହ ଫିଲ୍ମରେ କାମ କରୁଛି। ହେଲେ ମେଗା ସିରିୟଲ କରିବା ବନ୍ଦ କରିଦେଇଛି।

**ଅବସରରେ:** ପଢ଼ିବା, ବୁଲିବା, ଘରେ ଥିବା କୁକୁରଙ୍କ ସହ ଖେଳିବାକୁ ଭଲ ଲାଗେ। ହେଲେ ଏବେ ଫ୍ରି ଟାଇମ ହିଁ ନାହିଁ।

**ରୋଷେଇ କରେ:** ମୋତେ ବେଶି ରୋଷେଇ ଆସେନା। କିନ୍ତୁ ଯେତିକି ଆସେ ତାକୁ ଭଲରେ କରେ। ଏଇ ଯେମିତି ମଟନ, ଦହି ମାଛ, ବିନା ତେଲରେ ଚିକେନ୍ ମୁଁ ବହୁତ ଭଲ କରେ।

**ସବୁଠୁ କଷ୍ଟ ଖାଇବା:** ମୋ ପାଇଁ କଷ୍ଟ କାମ ହେଉଛି ଖାଇବା। ମୁଁ ଏତେ କମ୍ ଖାଏ ଯେ, ଯିଏ ମୋ ଖାଇବା ଦେଖନ୍ତି କୁହନ୍ତି ଏତିକି ଖାଇ କେମିତି ବଞ୍ଚିଛ।

**ଦୁଃଖଦ ମୁହୂର୍ତ୍ତ:** ବାପା ଚାଲିଯିବା ଥିଲା ମୋ ଜୀବନର ସବୁଠୁ ବଡ଼ ଦୁଃଖଦ ଘଟଣା। ତାଙ୍କ ଯିବା ପରେ ହଠାତ୍ ମୋ ଦୁନିଆ ବଦଳିଯାଇଥିଲା। ରାଜକୁମାରୀ ପରି ବଢ଼ିଥିବା ଝିଅଟି ଉପରେ ଦାୟିତ୍ୱର ବୋଝ ଲଦି ହୋଇ ଯାଇଥିଲା। ମୋ ବାପାଙ୍କୁ ମୁଁ ମୁଖାଗ୍ନି ଦେଇଥିଲି।

**ଖୁସିର ମୁହୂର୍ତ୍ତ:** ମା' ହେବା ଜୀବନର ସବୁଠୁ ସୁଖଦ ମୁହୂର୍ତ୍ତ ହୋଇଥିଲେ ହେଁ ତାକୁ ମୁଁ ମନଭରି ଉପଭୋଗ କରିପାରି ନ ଥିଲି। କାରଣ ଅନେକ କମ୍ପ୍ଲିକେସିରେ ମୋର ଯାଆଁଳା ଛୁଆ ଜନ୍ମ ହୋଇଥିଲେ। ସେତେବେଳେ ମୋ କଣ୍ଡିଶନ ଭଲ ନ ଥିଲା। ପିଲାମାନେ ବି ପ୍ରିମାଚ୍ୟୋର ହୋଇଥିବାରୁ ଭେଣ୍ଟିଲେଟରରେ ଥିଲେ।

**ପ୍ରିୟ ଚରିତ୍ର:** 'କହୁଥିଲେ ସରିବନି'ର ନିତୁ ଚରିତ୍ର ମୋର ସବୁଠୁ ପ୍ରିୟ। ସେହି ଚରିତ୍ରରେ ମୁଁ ମୋ ନିଜକୁ ପାଇଥିଲି।

**ଫ୍ୟାନ୍‌ଙ୍କ ଭଲ ପାଇବା:** ଥରେ ଜଣେ ଫ୍ୟାନ୍ ମୋତେ କହିଥିଲେ ଯେ, ସେ ତାଙ୍କ ଝିଅ ନାଁ ମୋ ନାଁ ଅନୁସାରେ ନିତୁ ରଖିଛନ୍ତି। ହେଲେ ମୋ ପ୍ରକୃତ ନାଁ ଯେ ନିତୁ ନୁହେଁ ସେ ଜାଣି ନ ଥିଲେ। 'କହୁଥିଲେ ସରିବନି'ରେ ମୋ ଚରିତ୍ରର ନାଁ ଥିଲା ନିତୁ। ଯାହାକୁ ସେ ମୋ ପ୍ରକୃତ ନାଁ ଭାବିନେଇଥିଲେ। ପ୍ରକୃତରେ କହିବାକୁ ଗଲେ ଫ୍ୟାନ୍‌ଙ୍କ ଭଲ ପାଇବା ହିଁ କଳାକାରଙ୍କ ପାଇଁ ସ୍ୱର୍ଗ ସୁଖ।

**ଡ୍ରିମ୍‌ରୋଲ:** ପ୍ରଥମତଃ ମୁଁ ସ୍ୱପ୍ନ ଦେଖେନି। କାରଣ ସ୍ୱପ୍ନ ଯଦି ମରେ ମଣିଷ ମରିଯାଏ। ତେଣୁ ମୋତେ ଯେତେବେଳେ ଯେଉଁ ଚରିତ୍ର ମିଳିଛି ତାକୁ ମୁଁ କରିଛି। ଡ୍ରିମ୍‌ରୋଲ ବୋଲି ମୋର ସେମିତି କିଛି ନାହିଁ।

**ଅବସୋସ:** ଅବସୋସ ଗଣିଲେ ଅବସୋସ ବଢ଼େ। ମୁଁ ଯାହା ପାଇଛି ତାକୁ ନେଇ ଖୁସି ଅଛି।


**ଶେଷରେ:** ଅଭିନୟ କରୁଛି, କରିବି। ଭଲ ଭଲ ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିବାକୁ ଚେଷ୍ଟା କରୁଥିଲି।

-ଶିବାନୀ ମହାନ୍ତି




# ପ୍ରତ୍ୟକ୍ଷ ଅନୁଭୂତି ଲେଖିବା ପାଇଁ ଅଥୟ କରୁଥିଲା





ପେସାରେ ସେ ଜଣେ ଶିକ୍ଷକ, କିନ୍ତୁ ନିଶା କାବ୍ୟକବିତା ଲେଖିବା। ଦୀର୍ଘ ଚାରିଦଶନ୍ଧି ମଧ୍ୟରେ ତାଙ୍କ ଲେଖନୀ ମୁନରେ ଫୁଟିଉଠିଛି ଶତାଧିକ କାବ୍ୟ,କବିତା। ସେ ଏକାଧାରରେ ଜଣେ କାବ୍ୟକାର, ନିବନ୍ଧକାର, ନାଟ୍ୟକାର, ଶିଶୁସାହିତ୍ୟକ ଓ ଶିକ୍ଷାବିତ୍। ବିଶେଷକରି ଭଞ୍ଜ ସାହିତ୍ୟ, ସାମାଜିକ ଚଳଣି ଏବଂ ପ୍ରାକୃତିକ ଶୋଭାକୁ ନେଇ ସେ ରଚନା କରିଛନ୍ତି ପ୍ରାୟ ୫୦ଖଣ୍ଡ ପୁସ୍ତକ। ଏମିତିରେ ତାଙ୍କର ସୃଜନଶୀଳତାରେ ବାରିହୋଇପଡ଼େ ଶିଶୁସାହିତ୍ୟଠାରୁ ଆରମ୍ଭ କରି ଭଞ୍ଜ ସାହିତ୍ୟ ଯାଏ କାବ୍ୟ କବିତାର ଶବ୍ଦାବଳୀ। ପ୍ରାୟ ୩୫ବର୍ଷ ଧରି ଭଞ୍ଜ ସାହିତ୍ୟ, ଶ୍ରୀଜଗନ୍ନାଥ ସଂସ୍କୃତି ଓ ଗଙ୍ଗାଧର ମେହେରଙ୍କ ସାହିତ୍ୟ କୃତି ସମ୍ପର୍କରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆଲୋଚନା କରି ଆତ୍ମସନ୍ତୋଷ ଲାଭ କରିଛନ୍ତି। ଏଥିପାଇଁ ତାଙ୍କର ବହୁମୁଖୀ ପ୍ରତିଭାକୁ ବିଭିନ୍ନ ଅନୁଷ୍ଠାନ ତରଫରୁ ମିଳିଛି ଅନେକ ସମ୍ମାନ ଓ ପୁରସ୍କାର । ସେ ହେଲେ କବି **ମନମୋହନ ଆଚାର୍ଯ୍ୟ**। ଜନ୍ମ ୨୦।୩।୧୯୬୨ ମସିହାରେ। ମାତା କ୍ଷେତ୍ରମଣି ଦେବୀ, ପିତା ପୂର୍ଣ୍ଣଚନ୍ଦ୍ର ମିଶ୍ର। କିନ୍ତୁ ତାଙ୍କର ସମ୍ପର୍କୀୟ ଅଜା ଭାସ୍କର ଆଚାର୍ଯ୍ୟ ତାଙ୍କୁ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିଥିଲେ। ଘର କଟକ ଜିଲାର ନିଆଳି ଅଞ୍ଚଳର ଟୋଲାଗୋପୀନାଥପୁର ଗାଁରେ। ସେ କୁହନ୍ତି, 'ମା'ବାପାଙ୍କର ଆମେ ତିନିପୁଅ ଓ ଗୋଟିଏ ଝିଅ। ଏମାନଙ୍କ ମଧ୍ୟରେ ମୁଁ ମଝିଆ। ଗାଁ ସ୍କୁଲରେ ମୋର ପାଠପଢା ଆରମ୍ଭ ହୋଇଥିଲା। ପରେ ରାମେଶ୍ୱର ବିଦ୍ୟାପୀଠରେ ୯ମଶ୍ରେଣୀ ପଢୁଥାଏ। ସେହି ସମୟରେ ମୋର ବଡ଼ଭାଇ ଔପନ୍ୟାସିକ ସୁନୀଲ ମିଶ୍ର ଘରେ ବିଭିନ୍ନ ଲେଖାଲେଖିରେ ବ୍ୟସ୍ତ ରହୁଥାନ୍ତି। ମୁଁ ବି ଘରେ ସାଇତା ହୋଇ ରହିଥିବା ବିଭିନ୍ନ ପୁରାଣ, ଭଜନ ଓ କାବ୍ୟକବିତା ଆଦି ପୁସ୍ତକକୁ ପଢୁଥିଲି। ସେତେବେଳେ ମୋ ମନକୁ ଯାହା ଜୁଟୁଥାଏ ମୋ ପାଖରେ ରଖିଥିବା ରଫଖାତାରେ ସେକଥାକୁ ଲେଖିଦେଉଥିଲି। ଏମିତି ଲେଖାଲେଖିରେ ସମୟ ବିତୁଥିଲା ଯେ ସାର୍ କହିଲେ, ଇଏ ବୋଧେ ମାଟି ହୋଇଯିବ! କାରଣ ଆଗକୁ ଏକାଦଶ ପରୀକ୍ଷା ଅଛି ପାଠପଢ଼ିବା ପରିବର୍ତ୍ତେ କବିତା ଲେଖାରେ ମାତିଛି। ସମୟକ୍ରମେ ସେହିସବୁ ଲେଖାଗୁଡ଼ିକ କବତା ପରି ଲାଗୁଥିଲା। ତାହାକୁ ବାରମ୍ବାର ପଢିବାକୁ ମତେ ଭଲ ଲାଗୁଥିଲା । ଏମିତିରେ ମୋର ଲେଖାଲେଖି ଆରମ୍ଭ ହୋଇଥିଲା। ପ୍ରକୃତରେ ବଡ଼ଭାଇଙ୍କ ଲେଖାଲେଖିର ପ୍ରଭାବ ମୋ ଉପରେ ପଡ଼ିଥିଲା। ପ୍ରତିଦିନ ରାତିରେ କିଛିନା କିଛି ଲେଖୁଥାଏ, ନ ଲେଖିଲେ ଭଲରେ ନିଦ ଆସେ ନାହିଁ। ନିମାପଡ଼ା କଲେଜରେ ପଢ଼ା ସରିଲା ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଓଡ଼ିଆରେ ଏବଂ ଇତିହାସରେ ଏମ୍ଏ କଲି। ଚାକିରି ପାଇଁ ଚିନ୍ତା କରୁଥାଏ। ଯୋଗକୁ ୧୯୮୮ ମସିହାରେ କୋରାପୁଟ ଜିଲାର ଜୟପୁର ବାରେଣୀପୁଟ ପ୍ରୋଜେକ୍ଟ ହାଇସ୍କୁଲରେ ଶିକ୍ଷକତା କଲି। ଏଠାରେ ପ୍ରାୟ ୪୦ବର୍ଷ ବିତିଲା। ୨୦୨୨ ମସିହାରେ ସରକାରୀ ଶିକ୍ଷକତା କ୍ଷେତ୍ରରୁ ଅବସର ନେଇଛି। କିନ୍ତୁ ଲେଖାଲେଖି ଜାରିରଖିଛି। ମୁଁ ଯୁଆଡେ ବୁଲାବୁଲି କରିବା ପାଇଁ ଯାଏ, ସେଠାକାର ଅନୁଭୂତିକୁ ମୁଁ ମୋ ଡାଏରୀରେ ଲେଖିଥାଏ। ମୋର ପ୍ରଥମ ଲେଖା 'ନାରାୟଣଞ୍ଜଳି' ଏକ ଭଜନ ପୁସ୍ତକ ଭାବେ ପ୍ରକାଶିତ ହୋଇଥିଲା। ଏହାପରେ 'ଅଭିଶପ୍ତା ' ଚିଲିକା ଉପରେ ଆଧାରିତ ଏକ କାବ୍ୟପୁସ୍ତକ କୁଶଭଦ୍ରା, ମନମୋହନ ଆଚାର୍ଯ୍ୟ ଗ୍ରନ୍ଥାବଳୀ, ପ୍ରୀତିନିଝରଣୀ,ଭଞ୍ଜ ରସାମୃତ, ଭର୍ସେସ୍ ଅଫ୍ ବ୍ରେକେନ ହାର୍ଟ ପ୍ରଭୃତି ଏକାଧିକ କାବ୍ୟ କବିତା ଓ ଶିଶୁଗଳ୍ପ ପ୍ରକାଶିତ ହୋଇସାରିଛି। ବିଭିନ୍ନ ପତ୍ରପତ୍ରିକାରେ ମୋ ଲେଖା ପ୍ରକାଶିତ ହୋଇଥିଲା। ମୁଁ ଅଧିକାଂଶ ସମୟ ଭଞ୍ଜସାହିତ୍ୟ ଆଲୋଚନାରେ ଯୋଗଦେଇଥାଏ। ମୋର ସାରସ୍ୱତ ସଫଳତା ପାଇଁ -ଚଳାପଥ ସମ୍ମାନ, ପ୍ରଜାତନ୍ତ୍ର ବିଷୁବ ମିନାବଜାର, ରାଜା ସୁଢ଼ଳଦେବ ସ୍ମୃତିସମ୍ମାନ, ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟିକ ସଂସଦ, ସୃଷ୍ଟି ଓ ସ୍ରଷ୍ଟା, ଚଳଚ୍ଚିତ୍ର ଜଗତ, ଲୋକପ୍ରାଣ ଉପାଧି, ବାଣୀଶ୍ରୀ ଉପାଧି, ନିଖିଳ ଉତ୍କଳ ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସଙ୍ଗଠନ, ଗାଁ ଗଣ୍ଡା ସାହିତ୍ୟ ସମ୍ମାନ, ରୁପାଥାଳିଆ ପୁରସ୍କାର, ନିଖିଳ ଉତ୍କଳ ଶିଶୁ ସାହିତ୍ୟ ସମ୍ମାନ, ଶ୍ରୀଜଗନ୍ନାଥ ସାରସ୍ୱତ ସମ୍ମାନ, ରାଜର୍ଷି ବିକ୍ରମ ଦେବ ସମ୍ମାନ, ବନପ୍ରଭା ସାହିତ୍ୟ, ପଶ୍ଚିମା ସମ୍ମାନ, ଅସ୍ତରାଗ ସାହିତ୍ୟ ସଂସ୍କୃତି କବିତା ସମ୍ମାନ, ସେମିଳିଗୁଡ଼ା ପ୍ରେସ୍ ସାରସ୍ୱତ ସମ୍ମାନ, ଶ୍ରାବଣୀ ନାଟ୍ୟ ସମ୍ମାନ, ବନଜ୍ୟୋତ୍ସ୍ନା ସାହିତ୍ୟ, ଶେତ ସଙ୍କେତ, ଜୟଦେବ କବି ସମ୍ମାନ, ସୁଲେଖା, ଗୀତାବାଣୀ ଗୀତାପୁତ୍ର ସମ୍ମାନ ସହିତ ଶିକ୍ଷକତା ପାଇଁ ରାଜ୍ୟ ଶିକ୍ଷକ ସମ୍ମାନ ବି ମିଳିଛି। ମୋ ପରିବାରରେ ପତ୍ନୀ ପ୍ରେମଲତା ଏବଂ ମୋର ଏକମାତ୍ର ଝିଅ ଓ ଜ୍ୱାଇଁକୁ ନେଇ ଛୋଟ ସଂସାରଟିଏ। ମୋ ସାରସତ୍ୱ ଜୀବନରେ ଘଟିଥିବା ଗୋଟେ ଘଟଣା ମୋର ଏବେବି ମନେପଡେ। ୧୯୯୮-୯୯ ମସିହାର କଥା ସେତେବେଳେ ମାଲକାନଗିରି ଜିଲାରେ ଆୟୋଜିତ ମାଲ୍ୟବନ୍ତ ମହୋତ୍ସବକୁ ଅତିଥିହୋଇ ଯାଇଥାଏ । ସେଠାରୁ ଜୟପୁରକୁ ଫେରିଲା ବେଳେ ରାତି ପ୍ରାୟ ୧ଟା ହେବ। ଗୋବିନ୍ଦପାଲିଠାରେ ହଠାତ୍ ରାସ୍ତା ଉପରେ ଚାରିଜଣ ଯୁବକ ଆମ କାରକୁ ଅଟକାଇଲେ। ଆମେ ଭୟଭୀତ ହୋଇଗଲୁ । ସେମାନଙ୍କ କହିବା ଅନୁସାରେ କାର ଭିତରୁ ବାହାରକୁ ଓହ୍ଲାଇଥିଲୁ। ଆମକୁ ସେମାନେ ଯାଞ୍ଚ କଲେ ଆଉ ପଚାରିଥିଲେ କେଉଁଆଡ଼େ ଯାଇଥିଲ। ଉତ୍ସବକୁ ଯାଇଥିବାର କହିବାରୁ ସେମାନେ ଆମକୁ ପ୍ରମାଣ ମାଗିଥିଲେ। କିନ୍ତୁ ପାଖରେ ସେମିତି କିଛି ପ୍ରମାଣପତ୍ର ନ ଥିଲା। ଯୋଗକୁ ବ୍ୟାଗ୍‌ରେ ଅତିଥିଭାବେ ପରିଧାନ କରିଥିବା ଏକ ବ୍ୟାଜ୍ ଥିଲା, ତାକୁ ଦେଖିଲା ପରେ ସେମାନେ ଆମକୁ ଛାଡ଼ି ଦେଇଥିଲେ। କାରଣ ସେମାନେ ଥିଲେ ମାଓବାଦୀ। ସେହିପରି ଆଉ ଥରେ ଖଡ଼ିଆଳରେ ଓଡ଼ିଶା ସାହିତ୍ୟ ଏକାଡେମିର ଏକ କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗ ଦେବାକୁ ଯାଇଥାଏ। କିଛିବାଟ ଯିବା ପରେ ଡ୍ରାଇଭର ସିଟ୍‌ରେ ମୁଁ ବସି କାର ଚଳାଇ ସେଠାରେ ଯାଇ ପହଞ୍ଚି ଯାଇଥିଲି । କିନ୍ତୁ ସେଠାରେ ଅପେକ୍ଷା କରିଥିବା କେତେଜଣ ସଦସ୍ୟ କାର ନିକଟକୁ ଆସି ଅତିଥିଭାବେ ମୋ ପରିବର୍ତ୍ତେ କାର ଚାଳକଙ୍କୁ ପ୍ରଥମେ ଫୁଲତୋଡ଼ା ଦେଇ ଆତିଥ୍ୟ ପ୍ରଦାନ କରିଥିଲେ। କାରଣ ସେମାନେ ପୂର୍ବରୁ ମତେ ଦେଖି ନ ଥିଲେ ।





କହିବାକୁଗଲେ ଲେଖକଟିଏ ହେବି ବୋଲି କେବେ ଭାବି ନ ଥିଲି । ବିଭିନ୍ନ ବହିକୁ ପଢ଼ିବା ଓ ନାନା ଘଟଣାକୁ ଅନୁଧ୍ୟାନ କରିବାରେ ସୃଷ୍ଟି ହେଉଥିବା ପ୍ରତ୍ୟକ୍ଷ ଅନୁଭୂତି ହିଁ ମୋତେ ଲେଖିବା ପାଇଁ ମନକୁ ଅଥୟ କରୁଥିଲା।

**-ବନବିହାରୀ**









# ଯାତ୍ରା

-ଶିବସୁନ୍ଦର ପାଣିଗ୍ରାହୀ

କେତେବେଳେ କେଜାଣି ଲୋକଟି ଚୁପଚାପ ଆସି ମୋ ସିଟ୍ କଡ଼ରେ ଶୋଇ ଯାଇଥିଲା। ପାହାନ୍ତିଆ ପହର ଆଡ଼କୁ ଏସିର ମାତ୍ରାଧିକ ଥଣ୍ଡାରେ ନିଦ ଭାଙ୍ଗିଯିବା ପରେ କମ୍ବଳ ଘୋଡ଼େଇ ହୋଇ ଲୋୟର ବର୍ଥର ଝରକା ଉପରୁ ପରଦା ହଟେଇ, ସହସା ମୋ ନଜର ପଛକୁ ଦୌଡ଼ି ଯାଉଥିବା ବତିଖୁଣ୍ଟ କିମ୍ବା ଝାପ୍‌ସା ଅନ୍ଧାରରେ ଦୂରରେ ଛିଡ଼ାହୋଇଥିବା ଓ ପଛକୁ ଘୁଞ୍ଚି ଯାଉଥିବା ପାହାଡ଼ ଉପରେ ଲାଖି ରହିଥିଲା । ଢେର୍ ଦିନ ପରେ ଗୋଟେ ଅବୁଝା ଏକାକୀତ୍ୱକୁ ବୋହି ମୁଁ ଚେନ୍ନାଇ ପର୍ଯ୍ୟନ୍ତ ଯାତ୍ରା କରୁଥିଲି। ଆଖପାଖ ବର୍ଥଗୁଡ଼ିକରେ ସହଯାତ୍ରୀମାନେ ଯେ ଯାହାର ଶୋଇଯାଇଥିଲେ ନିଶ୍ଚିନ୍ତରେ । ଘୁଙ୍ଗୁଡ଼ିମାନଙ୍କ ଉପଦ୍ରବକୁ ଛାଡିଦେଲେ, ମୋଟାମୋଟି ଭାବେ ଏହି ଟୁ-ଟାୟାର ଶୀତତାପ ନିୟନ୍ତ୍ରିତ କୋଚ୍‌ଟିରେ କେବଳ ନୀରବତାର ରାଜୁତି ହିଁ ଥିଲା। ଗୋଟେ ସମ୍ଭାବନାର ସକାଳର ଆଗମନକୁ ସୂଚିତ କରି ଝରକା କାଚ ଦେଇ ମେଞ୍ଚାଏ ମାଛି ଅନ୍ଧାର ଯାହା ତରତର ହୋଇ ଭିତରକୁ ପ୍ରବେଶ କରୁଥିଲା ଏତିକି ବେଳକୁ। ହେଲେ ଲୋକଟିକୁ ନିଜ ସିଟ୍‌ରେ ଆବିଷ୍କାର କରିସାରି ମୁଁ ବିସ୍ମିତ ଓ ବିଚଳିତ ହୋଇଉଠିଲି । ସାଧାରଣ, ସ୍ଲିପର୍ କୋଚ୍ ଭଳି ଏ.ସି. କୋଚ୍‌ର ବି ଏ ଅବସ୍ଥା ! ମୁଁ ଆଚମ୍ବିତ ହେଲି । ଚାହିଁଲି ଲୋକଟିକୁ । ଦକ୍ଷିଣ ଭାରତୀୟ ବେଶଭୂଷା । ଧଳା ଲୁଙ୍ଗି ଓ ଶାର୍ଟ ପରିହିତ ଜଣେ ପ୍ରୌଢ଼। ତା' ବ୍ୟାଗଟିକୁ ପାଦତଳେ ରଖିଦେଇ, ମୋ ପାଦ ନିକଟରେ ପଛକୁ ଆଉଜି ସମ୍ପୂର୍ଣ୍ଣରୂପେ ନିଦ୍ରାରତ ସେ। ଝାପ୍‌ସା ଦେଖାଯାଉଥିବା ଲୋକଟିର ଚେହେରା ତାକୁ ଅବଶ୍ୟ ଉଦ୍ଧତ ଅନୁପ୍ରବେଶକାରୀଟିଏ କି କୁଖ୍ୟାତ ଚୋରଟିଏ ଭଳି ସୂଚିତ କରୁ ନ ଥିଲା । ସନ୍ଦେହର ଦ୍ୱନ୍ଦ୍ୱରେ ମୁଁ ଛନ୍ଦି ହୋଇପଡିଲି। ପକେଟ ଅଣ୍ଡାଳି ଖୋଜିନେଲି ମୋବାଇଲକୁ, ୱାଲେଟ୍‌କୁ। ଅବଶ୍ୟ ସବୁକିଛି ଚିଜ ମୋ ତକିଆ ପାଖରେ ନିରାପଦରେ ଥିଲା। ମୁଁ କିଛିଟା ଆଶ୍ୱସ୍ତ ହେଲି । ତଥାପି ଗୋଟେ ଅସମ୍ଭବ ଅସହ୍ୟପଣର ଉଦ୍‌ବେଳନ ୟା ଭିତରେ ଗୋଟାପଣେ ଗ୍ରାସି ସାରିଥିଲା ମୋତେ। ତଥାପି ମୁଁ ଚୁପ ରହିଲି। ମୋବାଇଲରେ ଦେଖିଲି ଗନ୍ତବ୍ୟ ଏବେ ଆଉ ଦୁଇ ଘଣ୍ଟାର ବାଟ ମାତ୍ର । ମୁଁ ତଥାପି ସହଜ ହୋଇପାରୁ ନ ଥାଏ । ଅପ୍ରତିଭ ହୋଇ ମୁଁ ଚାହିଁଲି ଝରକା ଆରପଟକୁ । ସକାଳର ପ୍ରବେଶ ଧୀରେଧୀରେ ସବୁକିଛିକୁ ଚଳଚଞ୍ଚଳ କରେଇବାକୁ ପ୍ରସ୍ତୁତ କରୁଥିଲା ଯେମିତି। ଏତିକି ବେଳକୁ ଟୟଲେଟ ପାଇଁ ଉପର ବର୍ଥ ସହଯାତ୍ରୀଙ୍କ ତଳକୁ ଓହ୍ଲେଇବା, ପ୍ୟାଣ୍ଟ୍ରି କ୍ୟାଟରିଂ ବାଲାଙ୍କ ଚା, କଫି ତଥା ବିଭିନ୍ନ ପ୍ରକାର ସ୍ନାକ୍ସର ଘୋଷଣା, କାହାକାହା ମୋବାଇଲ ବାଜିବାର ଶବ୍ଦ ଭିତରେ ବେଶ କିଛି କୋଳାହଳ କୋଚ ଭିତରକୁ ବି ସଂକ୍ରମିତ କରି ସାରିଥିଲା ।

ଢେର୍ ସମୟ ପରେ ବି ଲୋକଟି ବିନା ଦ୍ୱିଧାରେ ନିଶ୍ଚିନ୍ତ ହୋଇ ମୋ ସିଟରେ ସେମିତି ଶୋଇ ରହିଥିଲା । ତା ଉଦ୍ଭ୍ରାନ୍ତ, ଅଭଦ୍ରୋଚିତ ସାହସ ମୋ ପାଇଁ ଅବଶ୍ୟ ଅସହ୍ୟ ଓ ବିମର୍ଷକର ହେଉଥିଲା । ଅଥଚ ମୁଁ ନିରୁପାୟ ଥିଲି। ବୀତସ୍ପୃହ ହୋଇ ତା ଠାରୁ ନଜର ଫେରାଇ ଆଣିବା ବେଳକୁ ସ୍ୱଷ୍ଟ ଆଲୁଅରେ ସାମ୍ନା ବର୍ଥର ନମ୍ବର ଉପରେ ମୋ ନଜର ଅଟକିଗଲା । ଲୋୟର ବର୍ଥ ନଂ - ଏକୋଇଶି । ଫେରି ଚାହିଁଲି ମୋ ସିଟ ଆଡ଼କୁ । ପନ୍ଦର ଭଳି ଦେଖା ଯାଉଥିବା ଦରଲିଭା ଉଣେଇଶି ନମ୍ବର । ମୁଁ ଚମକି ପଡିଲି । ଲଜ୍ଜିତ ବି ହେଲି । ରାତି ନଅଟାରେ ବିଶାଖାପାଟଣାରୁ ଉଠିବା ପରେ କୋଚ ଭିତର ନିଷ୍ପ୍ରଭ ଆଲୁଅରେ ହଡବଡେଇ ମୋ ସିଟ ନଂ ପନ୍ଦର ଭାବି ସାରାରାତି ହୁଏତ ଲୋକଟିର ଏହି ସିଟରେ ଆସ୍ଥାନ ଜମେଇଥିଲି !! ରାତିରେ କୌଣସି ଯାତ୍ରା ଟିକେଟ ନିରୀକ୍ଷକ ଆସିନଥିଲେ । ଜାଣିହେଲାନି । ଗୋଟେ ପ୍ରଚଣ୍ଡ ଅପରାଧବୋଧରେ ମୋ ମୁହଁରୁ ଦୀର୍ଘଶାସଟିଏ ବାହାରି ଆସିଲା । ଲଜ୍ଜାରେ ମୁଁ ନଇଁ ପଡୁଥିଲି । ଭାବୁଥିଲି ଲୋକଟି ହୁଏତ ରାଜମହେନ୍ଦ୍ରୀ କି ଜୟୱାଡାରେ ଉଠିଥିବ। ଅର୍ଦ୍ଧ ରାତ୍ରିରେ ତା ସିଟରେ ମୋତେ ଆବିଷ୍କାର କରି ବିସ୍ମିତ ହୋଇଥିବ ! ବିମର୍ଷ ବି ହୋଇଥିବ । ହେଲେ ମୋ ନିଦ୍ରାକୁ ବ୍ୟାଘାତ ନଦେଇ ବସିବାକୁ ଖଣ୍ଡେ ଜାଗା ଯୋଗାଡ କରିଥିବ ମୋ ନିକଟରେ। ବସି ସାରିବା ପରେ ସେ ଶୋଇ ପଡ଼ିଥିବ ପଛକୁ ଆଉଜି । ଆହାଃ !

ତା ମୁହଁକୁ ପୁଣିଥରେ ଚାହିଁବାକୁ ,କିମ୍ବା ତାକୁ ପଢିବାକୁ ମୋଠାରେ ବିନ୍ଦୁଏ ସାହସ ବଳକା ନଥିଲା । ଚେନ୍ନାଇ ସେଣ୍ଟ୍ରାଲ ପହଟିବାକୁ ଏବେ ଆଉ ମାତ୍ର କେଇ ମିନିଟ ବାକିଥିଲା । ଅଜାଣତରେ ହେଲେବି ଶିଷ୍ଟାଚାର ବର୍ହିଭୁତ ଗୋଟେ ପ୍ରଚଣ୍ଡ ଗ୍ଲାନିରେ ମୁଁ ସଙ୍କୁଚିତ ହୋଇପଡୁଥିଲି। ଅଥୟ ହୋଇ ବ୍ୟାଗ ଧରି ଉଠିବାକୁ ଉଦ୍ୟତ ହେଲା ବେଳକୁ ପୁଣିଥରେ ମୋ ନଜର ତା ଆଡ଼କୁ ଆପେ ଘୁଞ୍ଚିଗଲା। ସେ ତଥାପି ସେମିତି ଶୋଇଥାଏ ପଛକୁ ଆଉଜି । ଆଣ୍ଠୁଭାଙ୍ଗି ତାକୁ କ୍ଷମା ଯାଚନା କରିବାର ପ୍ରବଣତାଟିଏ ଜୋର୍ କରି ମୋ ମନକୁ ଧସେଇ ପଶିଲା । ତେବେ ତା ପରି ଶିଷ୍ଟାଚାରରେ ତା ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିବାକୁ ବିବେକ ମୋତେ ବାଧାଦେଲା । ଅଗତ୍ୟା ମନରେ ତା ଉଦ୍ଦେଶ୍ୟରେ କ୍ଷମାଟିଏ ମାଗିନେଇ ଗେଟ ନିକଟକୁ ଫେରୁଥିଲି ଅନିଚ୍ଛାକୃତ ଜଣେ ଉଦ୍ଧତ ଜବରଦଖଲକାରୀର କୃତକର୍ମକୁ ବୋହି । ଫେରିବା ବେଳକୁ ଦେଖିଲି ତକିଆ ସହ କାଗଜ କଭର ଭିତରେ ଚଉତା ହୋଇ ପଡିଥିବା ବେଡସିଟ ଓ କମ୍ବଳ ସହ ପନ୍ଦର ନମ୍ବର ସିଟଟି ଏବେବି ତା ପାଇଁ ଉଦ୍ଦିଷ୍ଟ ଯାତ୍ରୀକୁ ଅପେକ୍ଷା କରି ସେମିତି ପଡ଼ିରହିଥିଲା ।

-ଜେ.କେ ପୁର, ରାୟଗଡ
ମୋ : ୮୦୧୮୮୩୮୩୭୮

## ନୈବେଦ୍ୟ

-ବନ୍ଦନା ପଣ୍ଡା

ତୁମେ ମନ୍ଦିର ମୁଖଶାଳା
ମୁ ଯେ ପଥର ପାହାଚ ଧୂଳି
ତୁମେ ରତ୍ନ ବେଦୀର ଶିଳା
ମୁଁ ପୂଜା ନୈବେଦ୍ୟ ଥାଳି.... ।

ତୁମେ ତୁଳସୀ ଗଜରା ମାଳା
ମୁଁ ଯେ ଦେହଲାଗି ଛଡା କଳି
ତୁମେ ବିଭୋର ମାହେନ୍ଦ୍ର ବେଳା
ମୁଁ ତ ଶହେଆଠ ଜପାମାଳି।

-ଲୁମ୍ବିନୀ ବିହାର, ଭୁବନେଶ୍ୱର,
ମୋ:୯୪୩୭୪୨୮୬୪୯

## କଳାପଟା

-ଗଜାନନ ମିଶ୍ର

ହଟେଇଦେଲି ଶବ୍ଦସବୁ
କଳାପଟାରୁ।
କହିଲି, ଯାଅ
ଖୋଲି ଖୋଲିଯାଅ ନିଜକୁ,
ନିଜକୁ।
ଆଡେଇହେଲେ ନିଜେ ନିଜେ
ଶବ୍ଦସବୁ ରାସ୍ତାରୁ।
ରହିଲା ସ୍ଥିର ପୃଥିବୀ,
ବନ୍ଦ ହେଲା ନି ଗଣତି।
ଝଡାଝୁଡି ଚାଲିଲା
ଭିତର ବାହାର।
ଜଣା ପଡିଲା ନି
ମିଳିଲା କଣ
ଏତେ ଜୁଆର ଭଟ୍ଟାରୁ।
ହେଲା ନାହିଁ କହି ବୃଥା,
ସମାନ ହୋଇଗଲା ଯଦିଓ
ଆଲୁଅ ଆଉ ଅନ୍ଧାର।
ଶୋଇଲା ସହର
ରହିଲା ଶୋଇ ପୂର୍ବ ବତ୍।

-ତପୋବନ, ଟିଟିଲାଗଡ
ମୋ: ୮୨୪୯୦୮୫୫୦୯





ପ୍ରଭାସ

# ଅପେକ୍ଷା ମେ'କୁ

ଚଳିତ ବର୍ଷ ପ୍ରଭାସଙ୍କ ଅଭିନୀତ ଆଉ ଏକ ସିନେମାକୁ ନେଇ ଆଲୋଚନା ଜୋର୍ ଧରିଛି। ଯାହାର ଟାଇଟଲ ରହିଛି 'କଲ୍‌କି ୨୮୯୮ ଏଡି'। ଚଳିତ ବର୍ଷ ମେ' ୯ରେ ଏହା ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୦ରେ ଏହି ଫିଲ୍ମଟିର ଟାଇଟଲ ଥିଲା 'ପ୍ରୋଜେକ୍ଟ କେ'। କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ପରିବର୍ତ୍ତନ କରାଯାଇ 'କଲ୍‌କି ୨୮୯୮ ଏଡି' ରଖାଯାଇଥିଲା। କରୋନା ଯୋଗୁଁ ଏହାର ଶୁଟିଂ ବାଧାପ୍ରାପ୍ତ ହୋଇଥିଲା ଏବଂ ୨୦୨୧ ଜୁଲାଇରେ ରାମୋଜୀ ଫିଲ୍ମ ସିଟିରେ ଶୁଟିଂ ଆରମ୍ଭ ହୋଇଥିଲା। ଉକ୍ତ ଚିତ୍ରଟିର ବ୍ୟୟ ଅଟକଳ ରହିଛି ପ୍ରାୟ ୬୦୦ କୋଟି। କେବଳ ସେତିକି ନୁହେଁ, ଏହି ବିଗ୍ ବଜେଟ୍ ତଥା ଷ୍ଟାର-ଷ୍ଟଡେଡ୍ ଫିଲ୍ମରେ ପ୍ରଭାସ, ଅମିତାଭ ବଚ୍ଚନ, କମଲ ହାସନ, ଦୀପିକା ପାଦୁକୋନ, ଦିଶା ପଟାନିଙ୍କ ପରି ନାମୀ କଳାକାର ଅଭିନୟ କରିଛନ୍ତି। ସିନେମାଟିର କାହାଣୀ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ନାଗ ଚୈତନ୍ୟ। ବୈଜୟନ୍ତୀ ମୁଭିଜ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ସି. ଅଶ୍ୱିନୀ ଦତ୍ତ। ସନ୍ତୋଷ ନାୟକ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି। ଫିଲ୍ମଟି ଉଭୟ ତେଲୁଗୁ ଏବଂ ହିନ୍ଦୀ ଭାଷାରେ ନିର୍ମିତ ହୋଇଛି। ତେବେ ଏହି ସିନେମାରେ କି ମସଲା ରହିଛି ତାହା ଜାଣିବାକୁ ରିଲିଜ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ।

# ଶୁଭ ଦିନ ଖୋଜା ଚାଲିଛି


କଙ୍ଗନା ରାଣାଓ୍ୱତ ଏବେ ଟିକେ ଟେନସନରେ ଅଛନ୍ତି। ଗୋଟିଏ ପଟେ ନିର୍ଦ୍ଦେଶନା ଅନ୍ୟ ପଟେ ଅଭିନୟ। ପୁଣି କାହାଣୀଟି ସତ୍ୟ ଘଟଣା ଉପରେ ଆଧାରିତ। ତେଣୁ ତାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ସେ ପ୍ରୟାସ କରିଛନ୍ତି। କଥା କ'ଣ କି ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶାସନକାଳରେ ହୋଇଥିବା ଇମରଜେନ୍ସିକୁ ନେଇ ସେ ଏହି ଫିଲ୍ମ ନିର୍ମାଣ କରିଛନ୍ତି। ଗତ ବର୍ଷ ନଭେମ୍ବରରେ ଚିତ୍ରଟି ରିଲିଜ ହେବାର ଯୋଜନା ଥିଲା। କିନ୍ତୁ କେତେକ କାରଣରୁ ଏହାକୁ ସ୍ଥଗିତ ରଖାଗଲା। ଆଉ ଏବେ ଶୁଭ ଦିନଟିଏ ଖୋଜୁଛନ୍ତି ସେ। ଏ ନେଇ କଙ୍ଗନା କହନ୍ତି, 'ଇନ୍ଦିରା ଗାନ୍ଧୀଙ୍କ ସମୟରେ ଇମରଜେନ୍ସିକୁ ନେଇ ସିନେମାଟିଏ କରିଛି। କାହାଣୀକୁ ଜଷ୍ଟିସ ଦେବାକୁ ବେଶ୍ ପରିଶ୍ରମ କରାଯାଇଛି। ଆଶା ରଖିଛି ଫିଲ୍ମଟି ଦର୍ଶକଙ୍କୁ ପ୍ରଭାବିତ କରିବ।' ଏହାର ପ୍ରଯୋଜନା କରିଛନ୍ତି ରେଣୁ ପିଟି ଏବଂ କଙ୍ଗନା ରାଣାଓ୍ୱତ। ଅନ୍ୟପକ୍ଷରେ କଙ୍ଗନାଙ୍କ କାହାଣୀକୁ ନେଇ ଚିତ୍ରନାଟ୍ୟ ରଚନା କରିଛନ୍ତି ରିତେଶ ଶାହା। ଏଥିରେ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଜି.ଭି.ପ୍ରକାଶ କୁମାର। ଇନ୍ଦିରା ଗାନ୍ଧୀ ଭୂମିକାରେ କଙ୍ଗନା ଅଭିନୟ କରିଥିବା ବେଳେ ଅନ୍ୟାନ୍ୟ ଚରିତ୍ରରେ ଅନୁପମ ଖେର, ଶ୍ରେୟାସ ତଲପଡେ, ମହିମା ଚୌଧୁରୀ ଏବଂ ମିଲନ୍ଦ ସୋନମଙ୍କୁ ଦେଖିବାକୁ ମିଳିବ।



କଙ୍ଗନା

# ୱାଇଫ

ଅନ୍ୟତମ ନାମୀ ପ୍ରଯୋଜକ ବିଜୟ କାନ୍ଦୋଇ ଏବେ ପୁଣି ଏକ ନୂଆ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି। ଏହି ଫିଲ୍ମଟିର ଟାଇଟଲ ରହିଛି 'ୱାଇଫ୍'। ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଲୋକପ୍ରିୟ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ। ଖାସ୍ କଥା ହେଲା ଉକ୍ତ ଚିତ୍ରର କ୍ରିଏଟିଭ ହେଡ୍ ରହିବା ସହ ଏହାର କାହାଣୀ ଏବଂ ଚିତ୍ରନାଟ୍ୟ ରଚନା କରିଛନ୍ତି ନିଜେ ବର୍ଷା। ଆଉ ଏଭଳି ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ସଂଳାପ ଲେଖିଛନ୍ତି ବିଶିଷ୍ଟ ସଂଳାପକାର ବିଜୟ ମଲ୍ଲ। ବିବାହ ହେଉଛି ଏକ ପବିତ୍ର ବନ୍ଧନ। ବାହାଘର ପରେ ଜଣେ ସ୍ତ୍ରୀର ବୈବାହିକ ଜୀବନର ମହତ୍ତ୍ୱ ରହିଛି। ଏହା ଉପରେ ପର୍ଯ୍ୟବସିତ କାହାଣୀକୁ ଆଧାର କରି ଫିଲ୍ମଟି ପ୍ରସ୍ତୁତ ହେବାକୁ ଯାଉଛି। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ମଳୟ ମିଶ୍ର। ଏଥିରେ ବର୍ଷାଙ୍କ ନାୟକ ସାଜିଛନ୍ତି ଜୟଜିତ ଦାସ। ଏମାନଙ୍କ ବ୍ୟତୀତ ଶଙ୍କର, ବିଜୟିନୀ ମିଶ୍ର, ରବି ମିଶ୍ର, ହୃଷି, ସ୍ମିତା ତ୍ରିପାଠୀ, କୁନୁରି, ଶୋଭା ରାଉତ, ପିହୁ ଏବଂ ପାୟଲ ପ୍ରମୁଖ କଳାକାର ଅଭିନୟ କରୁଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ସୁଧାକର ବସନ୍ତ।



ଜୟଜିତ-ବର୍ଷା।

# ରାଗିଗଲେ ଅନନ୍ୟା

କଥାରେ ଅଛି-ଠାକୁର ଘରେ କିଏ ନା, ମୁଁ କଦଳୀ ଖାଇନି। ଦେଖୁନାହାନ୍ତି, କଥାଟି ଚାରିଆଡେ ଡିବି ଡିବି ହୋଇ ବାଜି ସାରିଲାଣି। ହେଲେ ମ୍ୟାଡାମ କହୁଛନ୍ତି, ସବୁ ମିଛ କଥା। ଏବେ ବଲିଉଡ୍‌ରେ ଆଲୋଚନାର କେନ୍ଦ୍ର ବିନ୍ଦୁ ସାଜିଛନ୍ତି ଚଙ୍କି ତନୟା ଅନନ୍ୟା ପାଣ୍ଡେ। ଅଭିନୟ କଥା ଛାଡନ୍ତୁ, ନିଜର ବ୍ୟକ୍ତିଗତ ଜୀବନକୁ ନେଇ ସେ ଆଲୋଚନାର ଶିରୋନାମା ପାଲଟିଛନ୍ତି। କଥା କ'ଣ କି ଅନନ୍ୟା କୁଆଡେ ଏବେ ପ୍ରେମରେ ଉବୁଟୁବୁ। ହେଲେ ଯେତେବେଳେ ଏକଥା ବିଷୟରେ ସେ ଜାଣିବାକୁ ପାଇଲେ ଏକାଥରେ ତାଙ୍କର ରାଗ ମୁଣ୍ଡକୁ ଚଢ଼ିଗଲା। ଆଉ ଶେଷରେ ଏ ନେଇ ମୁହଁ ଖୋଲିବାକୁ ବାଧ ହୋଇଛନ୍ତି। ସେ କହନ୍ତି, 'ଏସବୁ କଥା ପଛରେ ଟିକିଏ ହେଲେ ସତ୍ୟତା ନାହିଁ। ମୁଁ ଏବେ ମୋ କ୍ୟାରିୟର ପ୍ରତି ବେଶ୍ ସଚେତନ। ମୋତେ ଅନ୍ୟ ବିଷୟରେ ମୁଣ୍ଡ ଖେଳାଇବାକୁ ସମୟ ନାହିଁ। ବର୍ତ୍ତମାନ ମୋ ହାତରେ ଦୁଇଟି ଭଲ ଭଲ ଅଫର ରହିଛି। ତାହାକୁ କିପରି ଫାଇନାଲ କରିବି ସେ ବିଷୟରେ ଚିନ୍ତା କରୁଛି। ତେଣୁ ଏଭଳି ଗୁଜବକୁ କେହି ବିଶ୍ୱାସ ନ କରିବାକୁ ମୁଁ ଅନୁରୋଧ କରୁଛି।' ଅନନ୍ୟା ସିନା ଏ ନେଇ ସଫେଇ ଦେଇଦେଲେ ହେଲେ ପ୍ରକୃତରେ ଏହା ପଛରେ କେତେ ସତ୍ୟତା ରହିଛି ତାହା ତାଙ୍କୁ ହିଁ ଜଣା।



ଅନନ୍ୟା

# ମାତ୍ର ଦୁଇ କପ୍

ଶକ୍ତି ତନୟା ଶ୍ରଦ୍ଧା କପୁର। ତାଙ୍କର ଦିନ ଆରମ୍ଭ ହୁଏ କପେ ଚା'ରୁ। ଏବେ ନୁହେଁ, ପାଠ ପଢ଼ିବା ବେଳୁ ତାଙ୍କର ଏଭଳି ଅଭ୍ୟାସ। ପୁଣି ସନ୍ଧ୍ୟା ସମୟରେ ମଧ କପେ ଚା' ପିଇଦେଲେ ତାଙ୍କୁ ବେଶ୍ ଫ୍ରେସ୍ ଲାଗିଥାଏ। ନିଜର ଏଭଳି ଅଭ୍ୟାସ ସମ୍ପର୍କରେ ସେ କହନ୍ତି, 'ପାଠ ପଢ଼ିବା ସମୟରୁ ମୋର ଚା' ପିଇବା ଅଭ୍ୟାସ ରହିଆସିଛି। ସକାଳୁ ଉଠିବା ପରେ ମୋର ଯେମିତି ହେଲେ କପେ ଚା' ଦରକାର। ତା'ପରେ ଯାଇ ଅନ୍ୟାନ୍ୟ କାମରେ ମନ ଦିଏ। ସନ୍ଧ୍ୟାରେ ବି ଚା' କପେ ନିହାତି ଦରକାର।' କେବଳ ଅଭିନୟ ନୁହେଁ, ଦୁଃସାହସିକ କ୍ରୀଡାରେ ବି ସେ ରୁଚି ରଖନ୍ତି। ଶ୍ରଦ୍ଧା ଜଣ ଦକ୍ଷ ସ୍କୁବା ଡାଇଭର। ତା'ସହ ସେ ସଙ୍ଗୀତ ପ୍ରତି ଆଗ୍ରହ ରଖନ୍ତି। ସେ ଜଣେ କ୍ଲାସିକାଲ ସିଙ୍ଗର ମଧ୍ୟ। ବଲିଉଡ୍‌ରେ ତାଙ୍କର ସବୁଠାରୁ ମନ ପସନ୍ଦର ଫିଲ୍ମ ହେଲା ଗୁରୁ ଦତ୍ତଙ୍କ 'ପ୍ୟାସା'। ତାଙ୍କୁ ଯେତେବେଳେ ମାତ୍ର ୧୬ ବର୍ଷ ବୟସ ହୋଇଥିଲା ସେତେବେଳେ ସଲମାନ ଖାଁଙ୍କ 'ଲକି : ନୋ ଟାଇମ୍ ଫର ଲଭ୍‌ରେ ଅଭିନୟ କରିବାକୁ ଅଫର ମିଳିଥିଲା। କିନ୍ତୁ ଏତେ କମ୍ ବୟସରୁ ସେ ଆକ୍ଟିଂ କରିବାକୁ ଚାହିଁ ନ ଥିଲେ। ଫଳରେ ସୁଯୋଗଟିକୁ ହାତଛଡା କରିଥିଲେ।



ଶ୍ରଦ୍ଧା



ରକୁଲ୍

# ରହିଗଲା ଅବସୋସ

ରକୁଲ୍ ପ୍ରୀତ ସିଂ ନିକଟରେ ନିଜ ଆକ୍ଟିଂ କ୍ୟାରିୟର ବିଷୟରେ ଏକ ରୋଚକ ତଥ୍ୟ ଲୋକଲୋଚନକୁ ଆଣିଛନ୍ତି। ପ୍ରଖ୍ୟାତ କ୍ରିକେଟ ଖେଳାଳି ମହେନ୍ଦ୍ର ସିଂ ଧୋନିଙ୍କ ଜୀବନୀକୁ ନେଇ ନିର୍ମିତ ତଥା ଦର୍ଶକାଦୃତ 'ଏମଏସ ଧୋନି : ଦ ଅନଟୋଲ୍ଡ ଷ୍ଟୋରି' କଥାକୁ ମନେ ପକାଇଛନ୍ତି ସେ। ଯେତେବେଳେ ଏହାର କାଷ୍ଟିଂ ହେଉଥିଲା ସେତେବେଳେ ଏଥିରେ ଅଭିନୟ କରିବାକୁ ତାଙ୍କୁ ଅଫର ଦିଆଯାଇଥିଲା ଏବଂ ସେ ରାଜି ହୋଇ ସାଇନ୍ ମଧ୍ୟ କରିଥିଲେ। ଏ ବିଷୟରେ ରକୁଲ୍ କହନ୍ତି, 'ଯେତେବେଳେ ମୋତେ ଏହି ଫିଲ୍ମଟିରେ ଆକ୍ଟିଂ କରିବାକୁ ଅଫର ମିଳିଲା ମୁଁ ବେଶ୍ ଖୁସି ହୋଇଯାଇଥିଲି। କିନ୍ତୁ ଏହାର ଶୁଟିଂ ବିଳମ୍ବ ହେଲା। ଅନ୍ୟପଟେ ମୋ ହାତରେ ଥିବା ତଥା ରାମଚରଣ ଏବଂ ଜୁନିୟର ଏନଟିଆର ଅଭିନୟ କରୁଥିବା ଏକ ତେଲୁଗୁ ସିନେମାର ଶୁଟିଂ ଆରମ୍ଭ ହୋଇଗଲା। ଯେହେତୁ ମୋ ପାଖରେ ଡେଟ୍ ନ ଥିଲା, ତେଣୁ ବାଧ ହୋଇ ଅଫରଟିକୁ ହାତଛଡା କରିଥିଲି। ଏତିକି କହିବି, ଏଭଳି ଏକ ସିନେମାରେ ଅଭିନୟ ନ କରିବାର ଅବସୋସ ମୋର ସବୁଦିନ ପାଇଁ ରହିବ।' ଏବେ ରକୁଲ ହିନ୍ଦୀ ଫିଲ୍ମ 'ମେରି ପତ୍ନୀ କା ରିମେକ୍' ଏବଂ ଏକ ତାମିଲ ଫିଲ୍ମ 'ଇଣ୍ଡିଆନ୍-୨'ରେ ଅଭିନୟ କରୁଛନ୍ତି।

# ମନ ସାଙ୍ଗେ ମନ ବସିଲେ ମିତ, ଜଣାପଡେ ନାହିଁ ଖରା କି ଶୀତ

**ପ୍ରଶ୍ନ–** ଜଣେ ସୁନ୍ଦରୀ ମନ ସହ ମୋ ମନ ମିଶି ଯାଇଛି। ଏହି ଶୀତ ଦିନରେ ତା' ପାଇଁ ଗୋଟିଏ ଗୀତ ଲେଖିଛି। ତାକୁ ସେ ଗ୍ରହଣ କରିବ ତ ?

*–ଜିତେନ ସାହୁ, ବଲାଙ୍ଗୀର*

**ଉତ୍ତର:** ସୁନ୍ଦରୀ ମନ ସହ ଯେତେବେଳେ ମନ ମିଶିଯାଇଛି, ସେତେବେଳେ ଆଉ ପଛକୁ ଚାହୁଁଛନ୍ତି କିଆଁ ? ଦୁଇପଟରୁ ଯଦି ସିଗନାଲ ଠିକ୍ ଧରିଛି, ତେବେ ଆଗକୁ ମାଡିଯିବା କଥା। ଯଦି 'କ'ଣ କରିବି' ବୋଲି ଚିନ୍ତା କରନ୍ତି, ତେବେ ଚାନ୍ସଟା ହାତରୁ ଖସି ଯାଇପାରେ। ପୁଣି ନିଜ ମନର ମାନସୀ ପାଇଁ ଯେଉଁ ଗୀତଟି ଲେଖିଛନ୍ତି ତାହା ତ ନିଶ୍ଚୟ ପ୍ରେମକୁ ଆଧାର କରି ହୋଇଥିବ। 'ମନ ସାଙ୍ଗେ ମନ ବସିଲେ ମିତ, ଜଣାପଡେ ନାହିଁ ଖରା କି ଶୀତ।' ବାସ୍, ସେହି ଗୀତକୁ ସ୍ୱର କରି ପ୍ରେମିକାକୁ ଶୁଣାଇ ଦିଅନ୍ତୁ ନା ! ଯଦି ଗୀତର ସ୍ୱର, ତାଳ, ଲୟ ଠିକ୍ ରହିଲା ତେବେ ଆପଣଙ୍କ ପ୍ରେମର ଗାଡି ଆଉ ଦୁଇ ପାଦ ଆଗକୁ ଆଗେଇ ଯିବ।

**ପ୍ରଶ୍ନ–** ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ଏହି ସମୟରେ ପ୍ରେମ ଆରମ୍ଭ କରିବା ଠିକ୍ ହେବ କି ନାହିଁ ଜାଣିପାରୁନାହିଁ। କ'ଣ କରିବି ?

*–ବ୍ରହ୍ମାନନ୍ଦ ସାହୁ, ପୁରୀ*

**ଉତ୍ତର:** ଲାଜକୁ ଯଦି ତର୍ଜମା କରି ତାହାର ଅସଲ ଅର୍ଥ ଜାଣିସାରିଲେଣି, ତେବେ ବିଳମ୍ବ କରୁଛନ୍ତି କାହିଁକି ? ଆପଣଙ୍କ ଆଖି ସହ ତା' ଆଖି ମିଶିଲେ ସେ ହସି ଦେଇ ଚାଲିଯାଉଛି। ବାସ୍, ଏପରି ସୁଯୋଗକୁ ଆଦୌ ହାତଛଡା କରନ୍ତୁ ନାହିଁ। ବେଳକାଳ ଦେଖି ଏମିତି ତୀର ମାରନ୍ତୁ ଯେ ଯେମିତି ଏକାଥରେ ସେ ସୁନ୍ଦରୀ ହୃଦୟରେ ଆପଣଙ୍କ ମନ ସବୁଦିନ ପାଇଁ ବସାଟିଏ ବାନ୍ଧି ପାରିବ।

**ପ୍ରଶ୍ନ–** ଥରେ ବସ୍‌ରେ ଯିବା ବେଳେ ଜଣେ ଝିଅ ସହ ମୋର ଭେଟ ହେଲା। ସେହି ସମୟରେ ମୁଁ ତା' ପ୍ରେମରେ ପଡିଯାଇଥିଲି। ହେଲେ ପରେ ଜାଣିଲା ବେଳକୁ ସେ ମୋଠାରୁ ବୟସରେ ବଡ। ଏବେ କ'ଣ କରିବି ଜାଣିପାରୁନି ?

*–ଆଦିତ୍ୟ, ଯାଜପୁର*

**ଉତ୍ତର:** ପ୍ରେମର ପ୍ରତି ଷ୍ଟେପ୍‌ରେ ରିସ୍କ। ତେଣୁ ଦେଖିଚାହିଁ ପାଦ ପକାନ୍ତୁ। ନ ହେଲେ କେତେବେଳେ ଏହି ପ୍ରେମର ମୀନାରଟି ଭୁଷୁଡି ପଡିବ ତାହା ଜାଣିପାରିବେ ନାହିଁ। ଯଦି ସେ ଝିଅ ବୟସରେ ବଡ ଆଉ ଆପଣଙ୍କ ସହ ସେ ପ୍ରେମ ସମ୍ପର୍କ ରଖିବାକୁ ଚାହୁଁଛି, ତେବେ ସେ ଆପଣଙ୍କଠାରୁ କେତେ ବଡ ତାହା ଜାଣି ନେବା ନିହାତି ଦରକାର। ନ ହେଲେ ବୟସର ତାରତମ୍ୟତା ଭବିଷ୍ୟତରେ ଟେନସନ୍‌ର କାରଣ ହୋଇ ଠିଆ ହେବ। ତେଣୁ ଭାବି ଚିନ୍ତି ଏ କ୍ଷେତ୍ରରେ ନିଷ୍ପତ୍ତି ନିଅନ୍ତୁ।

**ପ୍ରଶ୍ନ–** ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। କ'ଣ କରିବି ?

*–ଅମିତାଭ, ରେଢ଼ାଖୋଲ*

**ଉତ୍ତର:** ପ୍ରଶ୍ନରୁ ଯାହା ଜଣାପଡୁଛି, ଏହି ପ୍ରେମରେ କେଉଁଠି କେଁ ରହିଯାଉଛି। ସେ ଝିଅ ଆପଣଙ୍କ କଥା ଶୁଣି ହସି ଦେଉଛି, ଏଥିରୁ ଅନୁମାନ କରିହେଉଛି ଯେ ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। କିନ୍ତୁ ଆପଣଙ୍କ ପ୍ରେମର ଗାଡି ଗୋଟିଏ ଜାଗାରେ ଠିଆ ହୋଇଛି। ଯେତେଶୀଘ୍ର ତାହାର କାରଣ ଖୋଜନ୍ତୁ। ନ ହେଲେ ଦିନ ଆସିବ, ସେଭଳି ପ୍ରେମ, ସ୍ୱାଦହୀନ, ରଙ୍ଗହୀନ ହୋଇପଡିବ।

**ପ୍ରଶ୍ନ–** ଝିଅଙ୍କ ନରରାମିରେ ପ୍ରେମ ଲୁଚି ରହିଥାଏ କି ?

*–ବିଜୟ କୁମାର, ଅନୁଗୋଳ*

**ଉତ୍ତର:** କେତେକ ସୁନ୍ଦରୀ ପ୍ରେମର ଆରମ୍ଭରେ ନଖରାମି କରନ୍ତି। ହେଲେ ବେଳେବେଳେ ସେହି ନଖରାମିରେ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ ଥିବା କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ।




## ପ୍ରଥମ ରୋଜଗାର




ସାହିତ୍ୟିକ **ବିରଞ୍ଚି ନାରାୟଣ ମିଶ୍ର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ୧୫୦ ଟଙ୍କା ୧୫୦ କୋଟିର ଆନନ୍ଦ ଦେଇଥିଲା

ମଣିଷ ଜୀବନର ସର୍ବୋତ୍ତମ ଅଂଶ ହେଉଛି ତା'ଜୀବନର ସ୍ମୃତି; ଦୟା ଓ ପ୍ରେମର ଛୋଟ ଛୋଟ ନାମହୀନ ବିସ୍ମୃତ ଘଟଣାବଳୀ। ମୋ ସ୍ମୃତିର ଏମିତି ଏକ ଶୋଭାଯାତ୍ରାରେ ସାମିଲ କେତେ ମୁହଁ, କେତେ ଘଟଣା ଓ କେତେ ଦୁର୍ଘଟଣା। ମୋ ଜନ୍ମ ଖୋର୍ଦ୍ଧା ଜିଲା ମଲ୍ଲିପୁର ଗ୍ରାମପଞ୍ଚାୟତର ଏକ ପଲ୍ଲୀ ଗ୍ରାମରେ; ଯାହାର ନାଁ ନିଆଳ। ଆଇ.ଏ. ପଢୁଥିବା ସମୟରେ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକରେ ମୋର ନିଯୁକ୍ତି ହୋଇଥିଲା। ବହୁତ ଖୁସି ଥିଲି। ସବୁଠାରୁ ଅଧିକ ଖୁସି ହୋଇଥିଲି ଯେଉଁଦିନ ପ୍ରଥମ ମାସର ଦରମା ପାଇଥିଲି। ସେତେବେଳେ ମୋର ଦରମା ଥିଲା ୧୫୦ ଟଙ୍କା। ଏତେ କମ୍ ଟଙ୍କାରେ ମୁଁ କିପରି ଚଳୁଥିଲି ଭାବିଲେ ଯେତିକି ଆଶ୍ଚର୍ଯ୍ୟ ଲାଗେ ତା'ଠାରୁ ଅଧିକ ଖୁସି ଲାଗେ। ଏହା ଥିଲା ୧୯୭୧ ମସିହାର କଥା। ସେତେବେଳର ବଜାର ପରିସ୍ଥିତି ଓ ସାମାଜିକ ଚଳଣି ବହୁତ ଭଲ ଥିଲା। ଆମ ଗାଁରୁ କଟକ ବସ୍ ଭଡା ଥିଲା ମାତ୍ର ୨ ଟଙ୍କା। ଏହି ଅନୁପାତରେ ଅନ୍ୟାନ୍ୟ ଦରଦାମ ଅବସ୍ଥା ବି ଠିକ୍ ଥିଲା। ତେବେ ୨୦୧୦ରେ ଚାକିରିରୁ ଅବସର ନେଲାବେଳେ ମୋ ଦରମା ଥିଲା ୪୫ ହଜାର ଟଙ୍କା; ତା' ସତ୍ତ୍ୱେ ବି ଅଭାବ ଅନୁଭବ କରିଥିଲି। କାରଣ ସେତେବେଳର ବଜାର ପରିସ୍ଥିତି ଓ ଅନ୍ୟାନ୍ୟ ଖର୍ଚ୍ଚ ଆକାଶଛୁଆଁ ହୋଇଯାଇଥିଲା। ଅଭାବୀ ସଂସାରକୁ ମୁଁ ଖୁବ୍ ପାଖରେ ଦେଖିଥିଲି। ବ୍ୟସ୍ତ ହୋଇଥିଲି କିନ୍ତୁ ଚଳେଇ ନେଇଥିଲି। ନନା(ମୋ ବାପା) ଆମ ଗାଁ ସ୍କୁଲରେ ପ୍ରଧାନଶିକ୍ଷକ ଥିଲେ। ସ୍ୱଳ୍ପ ଦରମାରେ ପରିବାର ଚଳାଇବା ତାଙ୍କ ପକ୍ଷେ ବହୁତ କଷ୍ଟକର ଥିଲା। ଆର୍ଥିକ ସ୍ୱଚ୍ଛଳତା ଆମର ପ୍ରାୟେ ଭଲ ନ ଥିଲା କିନ୍ତୁ ଆମେ ଗରିବ ନ ଥିଲୁ। ସେତେବେଳେ ଭାବୁଥିଲି ମୁଁ ଚାକିରି କରି ନନାଙ୍କୁ ସାହାଯ୍ୟ କରିବି। ଚାକିରି କଲି କିନ୍ତୁ ନନାଙ୍କୁ ସାହାଯ୍ୟ କରିବା ଦୂରର କଥା ଓଲଟା ନନାଙ୍କଠାରୁ ମୁଁ ବେଳେବେଳେ ଟଙ୍କା ମାଗିକି ଆଣି ଖର୍ଚ୍ଚ କରୁଥିଲି। ତଥାପି ମୋ ଚାକିରିର ପ୍ରଥମ ଦରମା ମୋତେ କେତେ ଯେ ଖୁସି ଓ ଆନନ୍ଦ ଦେଇଥିଲା ତାହାକୁ ମୁଁ ଭାଷାରେ ପ୍ରକାଶ କରିପାରିବି ନାହିଁ। ଏହା ସ୍ୱର୍ଗର ସୁଖ କିଣିଦେବାର ଆଶା ଓ ଭରସା ମୋ ମନରେ ସୃଷ୍ଟି କରିବାରେ ଅନେକ ସାହାଯ୍ୟ କରିଥିଲା। ଏବେ ମୁଁ ବୟସର ଅପରାହ୍ନରେ। ମୋ ଜୀବନରେ ମୁଁ କେତେ ସଫଳ ଓ କେତେ ଅସଫଳ ହୋଇଛି ତା' ତ କହିପାରିବିନି କିନ୍ତୁ ମୋ ଚାକିରିର ପ୍ରଥମ ଦରମା ୧୫୦ ଟଙ୍କା ମୋତେ ୧୫୦ କୋଟି ଟଙ୍କାର ଆନନ୍ଦ ଦେଇଛି। ସେ ଆନନ୍ଦ ମୁଁ ଆଜି ପର୍ଯ୍ୟନ୍ତ ଆଉ କେଉଁଠାରୁ ପାଇନି। ଏହି ୧୫୦ ଟଙ୍କା ମୋତେ ଆଶା, ଭରସା, ଆନନ୍ଦ ଓ ସ୍ୱପ୍ନ ଦେଖାଇଛି। ସବୁଠୁ ବଡ଼ କଥା ମୋ ପ୍ରଥମ ଦରମା ମୋତେ ପ୍ରେମ ଶିଖାଇଛି। ଅର୍ଥାତ୍ ଚାକିରି କରିବା ପୂର୍ବରୁ ମୁଁ କାହା ପାଇଁ କିଛି କରିପାରୁ ନ ଥିଲି। ହେଲେ ରୋଜଗାରକ୍ଷମ ହେଲା ପରେ କେତେବେଳେ କେମିତି ସେଥିରେ ଘରଲୋକ ହୁଅନ୍ତୁ କି ସାଙ୍ଗସାଥୀ ଅବା ବନ୍ଧୁବାନ୍ଧବଙ୍କୁ ଆପ୍ୟାୟିତ କରିବାରେ ଯେଉଁ ଖୁସି ମିଳେ ତାହାକୁ ମୁଁ ଅନୁଭବ କରିଛି। ମୋ ନଜରରେ ଏହା ହିଁ ହେଉଛି ପ୍ରକୃତ ପ୍ରେମ ଆଉ ଭଲପାଇବା। ସେହିପରି ଗପ, କବିତା ଲେଖିବାରେ ବି ମୋର ଖୁବ୍ ରୁଚି ରହିଛି। ଅବସର ସମୟତକ ଏହି ଲେଖାଲେଖିରେ ହିଁ କଟିଯାଉଛି।





## ଶହେବର୍ଷ ତଳର ପ୍ରେମ କାହାଣୀ

# ରାସବିହାରୀ-ତୋଶିକୋ

ଆଜିଠାରୁ ପ୍ରାୟ ଶହେ ବର୍ଷ ପୂର୍ବେ ଅର୍ଥାତ୍ ୧୯୧୮ ମସିହା ଜୁଲାଇ ୯ ତାରିଖରେ ତୋଶିକୋ ଓ ରାସବିହାରୀଙ୍କର ଗୋପନ ବିବାହର ସାକ୍ଷୀ ଥିଲେ ମାତ୍ର ହାତଗଣତି କେଇଜଣ । ଯେଉଁ ବିବାହ ଜାକଜମକରେ ଉଛୁଳି ପଡ଼ିବା କଥା, ସେଠାରେ ବର କିମ୍ବା କନ୍ୟା ପକ୍ଷରୁ କୌଣସି ବନ୍ଧୁବାନ୍ଧବ କିମ୍ବା ସମ୍ପର୍କୀୟ ଉପସ୍ଥିତ ନ ଥିଲେ । ତୋଶିକୋଙ୍କ ମା' ସେତେବେଳେ ଶଯ୍ୟାଶାୟୀ । ଉପର ମହଲାର ଝର୍କାରୁ ଦେଖିଲେ, ଅତି ସାଧାରଣ ପୋଷାକରେ ତାଙ୍କର ଝିଅ ବାପାଙ୍କ ହାତ ଧରି ବାହାରିଯାଉଛି । ଟ୍ରେନ୍‌ରେ ଚଢ଼ି ତୋୟାମାଙ୍କ ଘରେ ପହଞ୍ଚିଲେ । ସେଠାରେ ତୋଶିକୋଙ୍କ ପାଇଁ ବିବାହ ପୋଷାକ କିଣି ରଖିଥିଲେ ତୋୟାମାଙ୍କ ସ୍ତ୍ରୀ । ତୋଶିକୋଙ୍କୁ ବଧୂ ବେଶରେ ସେ ହିଁ ସଜାଇଦେଲେ । ବିବାହରେ ପିତାଙ୍କ ଭୂମିକା ନିର୍ବାହ କଲେ ତୋୟାମା । ତୋଶିକୋ ସୋମା ହେଲେ ତୋଶିକୋ ବସୁ । ପରବର୍ତ୍ତୀ କାଳରେ ସେ ଜାପାନରେ ପରିଚିତ ହୋଇଥିଲେ – ' ଦ ଲିଭିଂ ଫ୍ଲେମ୍ସ ଶିଲ୍ଡ ଟୁ ଦ ଇଣ୍ଡିଆନ ଇନ୍ ଏକ୍ସାଇଲ' ।

ଭାରତବର୍ଷର ପଶ୍ଚିମବଙ୍ଗରେ ୧୮୮୬ ମସିହା ମେ ୨୫ ତାରିଖରେ ଜନ୍ମିତ ରାସବିହାରୀ ବସୁ ଥିଲେ ବ୍ରିଟିଶ ବିରୋଧୀ ସ୍ୱାଧୀନତା ଆନ୍ଦୋଳନର ଜଣେ ଅଗ୍ରଗଣ୍ୟ ନେତା ଏବଂ ଇଣ୍ଡିଆନ ନ୍ୟାଶନାଲ ଆର୍ମି (ଆଇଏନ୍‌ଏ)ର ଅନ୍ୟତମ ସଙ୍ଗଠକ । ଦିଲ୍ଲୀର ଗଭର୍ନର ଜେନେରାଲ ଏବଂ ଭାଇସ୍ ରାୟ ଲର୍ଡ ହାଉସିଂଙ୍କ ଉପରକୁ ବୋମା ଫିଙ୍ଗିବା ଘଟଣାର ନେତୃତ୍ୱ ନେଇଥିବା କାରଣରୁ ବ୍ରିଟିଶ ପୋଲିସ ବାହିନୀ ତାଙ୍କୁ ଗିରଫ କରିବାକୁ ଚେଷ୍ଟା କରନ୍ତି । କିନ୍ତୁ ରାସବିହାରୀ ବ୍ରିଟିଶ ଗୋଇନ୍ଦା ସଂସ୍ଥା ଆଖିରେ ଧୂଳିଦେଇ ୧୯୧୫ ମସିହାରେ ଜାପାନ ପଳାଇ ଆସିଥିଲେ । ଭାରତ ବାହାରେ ସିଙ୍ଗାପୁରଠାରେ ଆଜାଦ ହିନ୍ଦ୍ ଫୌଜ ଗଠନ କରନ୍ତି ଏବଂ ପରବର୍ତ୍ତୀ କାଳରେ ଆଜାଦ ହିନ୍ଦ୍ ଫୌଜର ପରିଚାଳନା ଭାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ହାତକୁ ସମର୍ପି ଦିଅନ୍ତି ।



ଜାପାନରେ ରହଣି କାଳରେ ତୋଶିକୋ ଏବଂ ରାସବିହାରୀଙ୍କ ପ୍ରେମ ପରବର୍ତ୍ତୀ କାଳରେ ବିବାହରେ ପରିଣତ ହୁଏ । ତାଙ୍କୁ ବିବାହକରି ଏଭଳି ଏକ ଜୀବନ ସହ ତୋଶିକୋ ଜଡ଼ିତହେବାକୁ ବାଧ ହୋଇଛନ୍ତି ଭାବି ଭିତରେ ଭିତରେ ଅନୁତାପରେ ଦଗ୍ଧ ହେଉଥିଲେ ରାସବିହାରୀ । ବୋଧହୁଏ ବାଧ ହୋଇ ତାଙ୍କ ପାଦ ସହ ପାଦ ମିଳାଇ ଚାଲିବାର ସଂକଳ୍ପ ନେଇଥିବା ହେତୁ ତୋଶିକୋ ଏଭଳି ଯାଯାବର ଏବଂ ଆତଙ୍କିତ ଜୀବନ ଜିଇଁବାକୁ ବାଧ ହୋଇଛନ୍ତି । ରାସବିହାରୀ ତୋଶିକୋଙ୍କୁ ଭଲ ପାଇଛନ୍ତି , କିନ୍ତୁ ଏଯାବତ୍ ତାଙ୍କ ମନର ଅତଳ ଗହୀରକୁ ପରଖି ଦେଖିପାରିନାହାନ୍ତି । ନୀରବରେ ସବୁ ଦାୟିତ୍ୱ ନିର୍ବାହ କରୁଛନ୍ତି ତୋଶିକୋ । ଆବେଗର ବହିଃ ପ୍ରକାଶରେ ମଧ ଅତି ସଂଯମୀ ନବବଧୂ ତୋଶିକୋ ।

ଯେତେବେଳେ ସେମାନେ ଚିରାୟ ସମୁଦ୍ର କୂଳର ଗୋଟିଏ ଘରେ ବସବାସ କରୁଥିଲେ ସେତେବେଳେ ହଠାତ୍ ଦିନେ ରାସବିହାରୀ ତୋଶିକୋଙ୍କୁ ପ୍ରଶ୍ନଟି ପଚାରି ଦେଇଥିଲେ --"ତୁମେ ମୋତେ ବିବାହ କରିଛ, କିନ୍ତୁ ମୋତେ କ'ଣ ସତରେ ପ୍ରାଣଦେଇ ଭଲପାଇଛ ? " ପ୍ରଶ୍ନର ଆକସ୍ମିକତାରେ ନିଷ୍ପଳକ ସ୍ୱାମୀଙ୍କୁ ଚାହିଁ ରହିଲେ ତୋଶିକୋ । ଦୁଇ ଆଖିରୁ ବୋହୁଥାଏ ଧାର ଧାର ଲୁହ । ଅସ୍ଥିର ରାସବିହାରୀ ତଥାପି ବେପରୁଆ, ଉତ୍ତେଜିତ । କହି ଚାଲିଥାନ୍ତି – "କୁହ , ତୁମେ କ'ଣ ମୋ ପାଇଁ ଜୀବନ ଦେଇପାରିବ ?" ରାସବିହାରୀଙ୍କ କଥା ଶେଷ ନ ହେଉଣୁ ତୀର ବେଗରେ ଖୋଲା ଝର୍କା ଆଡ଼କୁ ଧାଇଁଲେ ତୋଶିକୋ । ଝର୍କାରୁ ଡେଇଁ ଜୀବନ ହାରିବେ । ଧାଇଁଯାଇ ପଛରୁ ତାଙ୍କୁ ଜାବୁଡ଼ି ଧରିଲେ ରାସବିହାରୀ ।

ଏହା ଏକ ଆଶ୍ଚର୍ଯ୍ୟ ପ୍ରେମକାହାଣୀ । ସରଳ ଗାଣିତିକ ହିସାବରେ ଯାହାର ମିଆଦ ମାତ୍ର ଆଠବର୍ଷ । ତୋଶିକୋଙ୍କ ଅକାଳ ମୃତ୍ୟୁ ପରେ ଅବଶିଷ୍ଟ ଜୀବନ ସେହି ଭଲପାଇବାକୁ ଛାତି ତଳେ ଜାବୁଡ଼ିଧରି ଜୀବନ ଜିଇଁଥିଲେ ରାସବିହାରୀ । ତୋଶିକୋଙ୍କ ମା' କୋକୋ ତାଙ୍କୁ ପୁଣିଥରେ ବିବାହ କରିବାର ପ୍ରସ୍ତାବ ଦେଇଥିଲେ । ରାସବିହାରୀ ହସି ଉତ୍ତର ଦେଇଥିଲେ –" ତୋଶିକୋ ବ୍ୟତୀତ ଅନ୍ୟ କାହାକୁ ଭଲପାଇବା ମୋ ପକ୍ଷରେ ଏ ଜୀବନରେ ଆଦୌ ସମ୍ଭବ ନୁହେଁ । ସେହି ୮ ବର୍ଷର ନିର୍ଜନ ଜୀବନ ପରି ତୋଶିକୋ ଚିରକାଳ ମୋ ଭିତରେ ହିଁ ରହିଥିବେ । ମୋର ଆଉ କିଛି ଲୋଡ଼ା ନାହିଁ ଏହି ଜୀବନରେ ।"

ଖୁବ୍ ଯତ୍ନକରି ତୋଶିକୋଙ୍କୁ ବଙ୍ଗଳା ଶିଖାଇଥିଲେ । ଶିଖାଇଥିଲେ ବଙ୍ଗାଳୀ ନବବଧୂ ପରି ଶାଢ଼ି ପିନ୍ଧିବା । ଆଉ ବଙ୍ଗାଳୀ ରାନ୍ଧଣା ମଧ । ଧରା ପଡ଼ିଯିବା ଭୟରେ ୮ବର୍ଷର ବୈବାହିକ ଜୀବନରେ ରାସବିହାରୀ ଓ ତୋଶିକୋଙ୍କୁ ସତରଥର ଘର ବଦଳାଇବାକୁ ପଡ଼ିଥିଲା । ତା' ସହ ତୀବ୍ର ଅର୍ଥ ସଙ୍କଟ । କିନ୍ତୁ ଏସବୁ କିଛି ହେଲେ ସେମାନଙ୍କ ଦାମ୍ପତ୍ୟ ଜୀବନକୁ ସୁଖମୟ ତଥା ମଧୁମୟ କରିବାରୁ ବଞ୍ଚିତ କରିପାରି ନ ଥିଲା । ରାସବିହାରୀଙ୍କ ଜୀବନର ଯାବତୀୟ ଝଡ଼ଝଞ୍ଜାରେ ତୋଶିକୋ ହିଁ ଥିଲେ ରକ୍ଷାକବଚ । ସେ ସଂସାରକୁ ଧରି ରଖିଥିଲେ ବୋଲି ତ ଭାରତର ସ୍ୱାଧୀନତା ଆନ୍ଦୋଳନରେ ନିଜକୁ ସମର୍ପିଦେଇ ପାରିଥିଲେ ରାସବିହାରୀ । ରାସବିହାରୀ ଲେଖିଛନ୍ତି --" Our married life was very short but it was bliss . I had a feeling that I enjoyed total happiness during those few years ."

୧୯୨୩ ଜୁଲାଇ ୨ ତାରିଖରେ ଜାପାନର ନାଗରିକତ୍ୱ ହାସଲ କରନ୍ତି ରାସବିହାରୀ । ସୁନ୍ଦର ଗୋଟିଏ ଘରେ ସ୍ୱାଧୀନ ଜୀବନ ଆରମ୍ଭ ହୁଏ । ତୋଶିକୋ ସଂସାର ସଜାଡ଼ିବାରେ ଲାଗି ପଡ଼ନ୍ତି । କିନ୍ତୁ ସେହି ସୁଖ ସ୍ଥାୟୀ ହୋଇପାରେ ନାହିଁ । ସେପ୍ଟେମ୍ବର ମାସ ଭୂମିକମ୍ପରେ ଘର ଭାଙ୍ଗି ଧ୍ୱସ୍ତବିଧ୍ୱସ୍ତ ହୋଇଯାଏ । ତୀବ୍ର ଅର୍ଥାଭାବ ରାସବିହାରୀଙ୍କୁ ଗ୍ରାସକରେ । ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ସେତେବେଳେ କିଛି ଟଙ୍କା ପଠାନ୍ତି । ୧୯୨୪ ମସିହାରେ ଜାପାନ ଭ୍ରମଣ କାଳରେ ଟୋକିଓରେ ଥିବା ରାସବିହାରୀ –ତୋଶିକୋଙ୍କ ଘରକୁ ମଧ ଯାଇଥିଲେ ରବୀନ୍ଦ୍ରନାଥ । ସେତେବେଳକୁ ତୋଶିକୋ ମୁମୂର୍ଷୁ ପ୍ରାୟ । ଆଠବର୍ଷର ମାନସିକ ଚାପ, ରାସବିହାରୀଙ୍କୁ ନେଇ ଅହରହ ଭୟ ଓ ଆଶଙ୍କା , ଶାରୀରିକ ପରିଶ୍ରମ ତାଙ୍କର ସ୍ୱାସ୍ଥ୍ୟଭଙ୍ଗର କାରଣ ହୋଇ ପଡ଼ିଥିଲା । ଯକ୍ଷ୍ମା ଓ ନିମୋନିଆରେ ଆକ୍ରାନ୍ତହୋଇ ପଡ଼ନ୍ତି ତୋଶିକୋ ।

ଶେଷ କିଛିଦିନ ତୋଶିକୋଙ୍କ ବିଛଣା ପାଖରୁ ଆଦୌ ଉଠିନାହାନ୍ତି ରାସବିହାରୀ । ତାଙ୍କ ହାତ ଭିତରେ ଧରି ରଖୁଥିଲେ ତୋଶିକୋଙ୍କ ହାତ । ଧୀର ସ୍ୱରରେ ସଂସ୍କୃତ ମନ୍ତ୍ର ଉଚ୍ଚାରଣ କରୁଥିଲେ ରାସବିହାରୀ ଏବଂ କ୍ଷୀଣ କଣ୍ଠରେ ରାସବିହାରୀଙ୍କ ସ୍ୱର ସହ ସ୍ୱର ମିଳାଇବାକୁ ଚେଷ୍ଟା କରୁଥିଲେ ତୋଶିକୋ । ଶେଷ କେଇଦିନ ସେହି ଘରକୁ ତୋଶିକୋଙ୍କ ପିତାମାତା ମଧ ପ୍ରବେଶ କରୁ ନ ଥିଲେ, ଝିଅ ଓ ଜ୍ୱାଇଁଙ୍କର ଅନାବିଳ ପ୍ରେମର ପ୍ରତିଟି ମୁହୂର୍ତ୍ତ ସେମାନଙ୍କୁ ଏକସଙ୍ଗେ ରହିବାର ସୁଯୋଗ ଦେବାପାଇଁ । ମାତ୍ର ୨୮ ବର୍ଷ ବୟସରେ ଚିରନିଦ୍ରାରେ ଶୋଇପଡ଼ିଥିଲେ ତୋଶିକୋ ବସୁ । ପ୍ରିୟତମା ସ୍ତ୍ରୀଙ୍କ ମୃତ୍ୟୁର ବହୁ ବର୍ଷ ପରେ ରାସବିହାରୀଙ୍କ ମୃତ୍ୟୁ ହୋଇଥିଲା । ଟୋକିଓର ତାମା ଶ୍ମଶାନରେ ତୋଶିକୋଙ୍କ ସମାଧି ପାଖରେ ତିଆରି ହୋଇଥିଲା ରାସବିହାରୀଙ୍କ ସମାଧି ।

ସ୍ୱାଧୀନତା ସଂଗ୍ରାମୀ ରାସବିହାରୀ ଏବଂ ତାଙ୍କର ପ୍ରେରଣାଦାୟିନୀ ତୋଶିକୋଙ୍କର ଅନାବିଳ ପ୍ରେମକୁ ସଲାମ ।

**–ପ୍ରଦୀପ କୁମାର ରାୟ**
ମୋ:୯୪୩୭୫୩୪୭୭୩

# ହାଃ ହାଃ



ସାନ୍ଭୀ

## ସୁନ୍ଦର

ଯୁବକ ଜଣେ ଝିଅକୁ ଏକ ଲୟରେ ଚାହିଁ ରହିଥାଏ । ଏହା ଦେଖି ଯୁବତୀ ରାଗିକି: କ'ଣ ଏମିତି ଅନେଇଛୁ ?
ଯୁବକ ହଡ଼ବଡେଇକି: ମୁଁ ତୁମ ସୁନ୍ଦର ଚେହେରା ଦେଖି ଭାବୁଥିଲି ତମେ ଯଦି ମୋ ମା' ହେଇଥାନ୍ତ ତା'ହେଲେ ମୁଁ ବି ସୁନ୍ଦର ହେଇଥାନ୍ତି ।

## ବୁଦ୍ଧିମାନ

ଝଗଡ଼ା ପରେ ସ୍ୱାମୀ: ସବୁ ଭୁଲ୍ ମୋର । ଗୋଟେ ବୁଝାସୁଝା ବୁଦ୍ଧିମତୀ ଝିଅକୁ ମୋର ବାହା ହେବାର ଥିଲା ।
ସ୍ତ୍ରୀ: ବୁଝାସୁଝା ବୁଦ୍ଧିମତୀ ଝିଅ ଭଲା ତମକୁ କାହିଁକି ବାହା ହେଇଥାନ୍ତା ।
ସ୍ୱାମୀ: ମୁଁ ତ ସେଇ କଥା ପ୍ରମାଣ କରିବାକୁ ଚାହୁଁଥିଲି ।

## ମଜା

ପିଣ୍ଟୁ ମୋନାକୁ ଫୋନ୍‌ରେ: ତୁ ବହୁତ ଭଲ ।
ମୋନା: ଥାଙ୍କ ୟୁ ।
ପିଣ୍ଟୁ: ତୁ ଦେଖିବାକୁ ପୁରା ରାଜକୁମାରୀ ପରି ।
ମୋନା: ସତ ! ଥାଙ୍କ ୟୁ ସୋ ମଚ୍ । ହେଲେ ତୁ ଏବେ କ'ଣ କରୁଛୁ ?
ପିଣ୍ଟୁ: ବୋର୍ ହେଉଥିଲି ତ ଟିକେ ମଜା କରୁଥିଲି ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧ ମେକ୍ଅପ୍, କଷ୍ଟ୍ୟୁମ୍, ହେୟାରଷ୍ଟାଇଲ-ସୋନାଲୀ ମିଶ୍ର, ଫଟୋ: କୁମାର ଶରତ, ଧରିତ୍ରୀ

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।

# ବୁଲିବେ ଦେଶପ୍ରୀତିରେ



**ସାଧାରଣତନ୍ତ୍ର ଦିବସକୁ ଭାରତବାସୀ ବେଶ୍ ଉତ୍ସାହର ସହ ପାଳିଥାନ୍ତି। ଏହି ଅବସରରେ ଦେଶର ବିଭିନ୍ନ ସ୍ଥାନରେ ଦେଶପ୍ରୀତି ସମ୍ପର୍କିତ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ ଦେଖିବାକୁ ମିଳେ। ତେବେ ଏହି ବିଶେଷ ଦିବସ ଅବସରରେ କେଉଁ କେଉଁ ସ୍ଥାନକୁ ବୁଲିଗଲେ ମନରେ ଦେଶପ୍ରୀତି ଜାଗ୍ରତ ହେବା ସହ ବହୁ ଐତିହାସିକ ତଥ୍ୟ ଜାଣିହେବ, ଜାଣନ୍ତୁ ସେ ସମ୍ପର୍କରେ...**

**ସାବରମତୀ ଗାନ୍ଧୀ ଆଶ୍ରମ:** ଗୁଜରାଟର ଅହମଦାବାଦ୍‌ସ୍ଥିତ ସାବରମତୀ ନଦୀତଟରେ ଥିବା ଏହି ଆଶ୍ରମରେ ଗାନ୍ଧିଜୀ ନିଜ ଅନୁଗତ ତଥା ଶିଷ୍ୟମାନଙ୍କୁ ଅହିଂସା ଏବଂ ସତ୍ୟର ସନ୍ଧାନ ଉପରେ ଶିକ୍ଷା ଦେଉଥିଲେ। ଗାନ୍ଧିଜୀ ସେମାନଙ୍କୁ କୁଟୀରଶିଳ୍ପ, ହସ୍ତଶିଳ୍ପ, ଚାଷବାସ ଆଦି ବିଷୟ ଉପରେ ଜ୍ଞାନ ପ୍ରଦାନ କରୁଥିଲେ। 'ଖଟି ଖାଅ କାଟି ପିନ୍ଧ' ଥିଲା ଗାନ୍ଧିଜୀଙ୍କର ବାଣୀ। ସେଥିପାଇଁ ଗାନ୍ଧିଜୀ ଏଠାରେ ଚରଖା ସ୍ଥାପନ କରି ସେଥିରେ ନିଜେ ନିଜର ପୋଷାକ ତିଆରି କରି ପିନ୍ଧୁଥିଲେ ଏବଂ ଆଶ୍ରମବାସୀଙ୍କୁ ବି ତାହା ଶିଖାଉଥିଲେ। ତେଣୁ ଗାନ୍ଧିଜୀଙ୍କ ଆଦର୍ଶ ଓ ଶିକ୍ଷା ସବୁଦିନ ପାଇଁ ସମସ୍ତଙ୍କ ହୃଦୟରେ ଜୀବିତ ହୋଇ ରହିଛି ଓ ରହିଥିବ। ସେହିପରି ଏହି ଆଶ୍ରମରେ ଗାନ୍ଧିଜୀଙ୍କର ଅନେକ ଫଟୋ, ଚିଠି ତଥା ସିଏ ବ୍ୟବହାର କରୁଥିବା କେତେକ ଜିନିଷକୁ ମଧ୍ୟ ସାଇତି କରି ରଖାଯାଇଥିବାର ମଧ୍ୟ ପର୍ଯ୍ୟଟକ ଦେଖିପାରିବେ। ତେଣୁ ସାଧାରଣତନ୍ତ୍ର ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଏହି ଆଶ୍ରମକୁ ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟି ପାରିବେ।

**ଦିଲ୍ଲୀ:** ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ଦିଲ୍ଲୀ ପରେଡ୍‌ର ଲୋକପ୍ରିୟତା ଏତେ ରହିଥାଏ ଯେ ; ଯାହାକୁ ଦେଖିବା ପାଇଁ ଦେଶବିଦେଶରୁ ପର୍ଯ୍ୟଟକଙ୍କର ସୁଅ ଛୁଟିଥାଏ। ପର୍ଯ୍ୟଟକ ଏଠାରେ ପରେଡ୍ ଦେଖିବା ସହ ନିକଟରେ ଥିବା ଲାଲକିଲ୍ଲାର ଅପୂର୍ବ ସୌନ୍ଦର୍ଯ୍ୟକୁ ମଧ୍ୟ ଉପଭୋଗ କରିପାରିବେ। କାରଣ ଏହା ହେଉଛି ଏକ ଐତିହାସିକ ଦୁର୍ଗ। ଇତିହାସ ସମ୍ବନ୍ଧୀୟ ଅନେକ ତଥ୍ୟ ଏହି ଦୁର୍ଗ ସହିତ ଜଡ଼ିତ ରହିଛି। ସେହିପରି ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଗେଟ୍ ବି ହେଉଛି ଏକ ରାଷ୍ଟ୍ରୀୟ ସ୍ମାରକ। ସାଧାରଣତନ୍ତ୍ର ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଇଣ୍ଡିଆ ଗେଟ୍ ଆଡ଼େ ବୁଲି ଯାଇ ମନରେ ଦେଶପ୍ରୀତି ଜାଗ୍ରତ କରିବା ସହ ଅନେକ ଐତିହାସିକ ତଥ୍ୟ ଜାଣିବାର ସୁଯୋଗ ପାଇପାରିବେ।

**ଅଟାରି-ୱାଘା ବର୍ଡର:** ସାଧାରଣତନ୍ତ୍ର ଭଳି ବିଶେଷ ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଅଟାରି-ୱାଘା ବର୍ଡର ଆଡେ ବି ବୁଲି ଯାଇପାରିବେ। ଏଠାରେ ସେନାଙ୍କ ଦ୍ୱାରା ପରିବେଷଣ କରାଯାଉଥିବା ସ୍ୱତନ୍ତ୍ର ପରେଡ୍ ମନରେ ଦେଶପ୍ରୀତିର ନିଆରା ଅନୁଭୂତି ପ୍ରଦାନ କରିଥାଏ।


**ଚନ୍ଦ୍ରଶେଖର ଆଜାଦ୍ ପାର୍କ:** ଏହା ଆଲ୍‌ଫ୍ରେଡ୍ ପାର୍କ ନାମରେ ବି ପରିଚିତ। ଏହି ପାର୍କଟି ଆଲ୍ଲାହାବାଦରେ ପ୍ରିନ୍ସ ଆଲ୍‌ଫ୍ରେଡ୍‌ଙ୍କ ନାଁରେ ପ୍ରଥମେ ଗଢ଼ି ଉଠିଥିଲା। କିନ୍ତୁ କ୍ରାନ୍ତିକାରୀ ଚନ୍ଦ୍ରଶେଖର ଆଜାଦ୍ ଏହି ପାର୍କରେ ଦେହତ୍ୟାଗ କରିବା ପରେ ଏହା ଲୋକମୁଖରେ ଚନ୍ଦ୍ରଶେଖର ଆଜାଦ୍ ପାର୍କ ଭାବେ ପରିଚିତ ହେବାକୁ ଲାଗିଲା। ସେଥିପାଇଁ ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ, ଶହୀଦ ଦିବସ ପରି ବିଶେଷ ଦିନମାନଙ୍କରେ ଏଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ, ଯାହା ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥାଏ।

**ନ୍ୟାଶନାଲ୍ ଗାନ୍ଧୀ ମ୍ୟୁଜିୟମ୍:** ଗାନ୍ଧିଜୀଙ୍କୁ ସମର୍ପିତ ଏହି ସଂଗ୍ରହାଳୟଟି ବର୍ତ୍ତମାନ ନୂଆ ଦିଲ୍ଲୀର ରାଜଘାଟରେ ଅବସ୍ଥିତ। କିନ୍ତୁ ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ୧୯୪୮ ମସିହା ଜାନୁୟାରୀ ୩୦ ତାରିଖରେ ଗାନ୍ଧିଜୀଙ୍କୁ ହତ୍ୟା କରାଯିବା ପରେ ତାଙ୍କ ସ୍ମୃତିରେ ପ୍ରଥମେ ଏକ ସଂଗ୍ରହାଳୟ ମୁମ୍ବାଇରେ ଖୋଲାଯାଇଥିଲା, ଯେଉଁଠାରେ ଗାନ୍ଧିଜୀଙ୍କ ଜୀବନୀ ସହ ଜଡ଼ିତ କିଛି ବ୍ୟକ୍ତିଗତ ବସ୍ତୁ, ସମାଚାରପତ୍ର, ପୁସ୍ତକ ଆଦିକୁ ସ୍ଥାନ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ସଂଗ୍ରହାଳୟଟି ନୂଆ ଦିଲ୍ଲୀସ୍ଥିତ କୋଟା ହାଉସ୍‌କୁ ସ୍ଥାନାନ୍ତରିତ ହୋଇ ଆସିଥିଲା। ଶେଷରେ ୧୯୬୧ ମସିହାରେ ଏହା ନୂଆ ଦିଲ୍ଲୀର ରାଜଘାଟକୁ ସ୍ଥାନାନ୍ତରିତ ହୋଇ ବିଧିବଦ୍ଧ ଭାବେ ଲୋକାର୍ପିତ ହୋଇଥିଲା। ତେଣୁ ସାଧାରଣତନ୍ତ୍ର ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଏହି ମ୍ୟୁଜିୟମ୍‌କୁ ବୁଲିଯାଇ ଏଠାରୁ ଗାନ୍ଧିଜୀଙ୍କ ସମ୍ପର୍କରେ ଅନେକ କିଛି ତଥ୍ୟ ହାସଲ କରିପାରିବେ।









**ଚମ୍ପାରଣ:** ଏହା ବିହାରସ୍ଥିତ ଏକ ଐତିହାସିକ ସ୍ଥଳ, ଯାହା ଏବେ ପୂର୍ବ ଚମ୍ପାରଣ ଓ ପଶ୍ଚିମ ଚମ୍ପାରଣ ନାମରେ ଦୁଇଟି ଭିନ୍ନ ଜିଲା ହୋଇଯାଇଛି। ଇତିହାସ ଅନୁଯାୟୀ, ବିଦେଶରୁ ଫେରିବା ପରେ ଜାତିର ପିତା ମହାତ୍ମା ଗାନ୍ଧୀ ଇଂରେଜଙ୍କ ବିରୋଧରେ ନିଜର ପ୍ରଥମ ଅହିଂସା ଆନ୍ଦୋଳନ ଏହିଠାରୁ ଆରମ୍ଭ କରିଥିଲେ। ଚମ୍ପାରଣର ଇତିହାସ ଏତେସବୁ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ନିଜ ଭିତରେ ସାଇତି ରଖିଥିବାରୁ ଏହି ସ୍ଥାନଟିର ମହତ୍ତ୍ୱ ସବୁବେଳେ ରହିଆସିଛି। ତେଣୁ ସାଧାରଣତନ୍ତ୍ର ଦିବସ ଅବସରରେ ପର୍ଯ୍ୟଟକ ଏଠାକୁ ମଧ୍ୟ ବୁଲିଯାଇ ଅନେକ ଅନୁଭୂତି ହାସଲ କରିପାରିବେ।

ଏହାଛଡ଼ା ପର୍ଯ୍ୟଟକ ଚାହିଁଲେ ସାଧାରଣତନ୍ତ୍ର ଦିବସ ଅବସରରେ ଅନ୍ୟ ଐତିହାସିକ ସ୍ଥାନକୁ ମଧ୍ୟ ବୁଲିଯାଇପାରିବେ।



# ଅଶୋକ ସ୍ତମ୍ଭର କଥା



**ଅଶୋକ ସ୍ତମ୍ଭ ଭାରତର ଜାତୀୟ ପ୍ରତୀକ ବୋଲି ସମସ୍ତେ ଜାଣନ୍ତି। ଗର୍ଜନ କରୁଥିବା ଚାରୋଟି ସିଂହର ପ୍ରତିମୂର୍ତ୍ତି ଥିବା ଏହି ସ୍ତମ୍ଭ ଦେଶର ଶାସନ, ସଂସ୍କୃତି ଓ ଶାନ୍ତିର ପ୍ରତୀକ ଅଟେ। ତେବେ ଏହାକୁ ଜାତୀୟ ପ୍ରତୀକ ଭାବେ ଗ୍ରହଣ କରିବା ପଛରେ କ'ଣ ଥିଲା କାରଣ ଜାଣନ୍ତୁ ସେ ସମ୍ପର୍କରେ..**

୧୯୫୦ ମସିହା ଜାନୁୟାରୀ ୨୬ ତାରିଖରୁ ଅଶୋକ ସ୍ତମ୍ଭକୁ ଭାରତର ଜାତୀୟ ପ୍ରତୀକ ଭାବେ ଗ୍ରହଣ କରାଯାଇଛି। ଏହା ସାମ୍ବିଧାନିକ ପଦ ଓ ସମ୍ବିଧାନର ଶକ୍ତିକୁ ଦର୍ଶାଏ। କୌଣସି ସରକାରୀ କାଗଜରେ ଏହି ସ୍ତମ୍ଭର ଫଟୋ ଥିଲେ ତ ସେହି କାଗଜର ମାନ ବଢିଯାଏ। ତେବେ ଜାଣନ୍ତିକି ଏହି ଅଶୋକ ସ୍ତମ୍ଭର ଇତିହାସ ବହୁ ପୁରୁଣା। ଏହାର ସମ୍ବନ୍ଧ ମୌର୍ଯ୍ୟ ବଂଶର ତୃତୀୟ ରାଜା ସମ୍ରାଟ ଅଶୋକଙ୍କ ସହ ରହିଛି। ଇତିହାସ କହେ ସମ୍ରାଟ ଅଶୋକ ଜଣେ କ୍ରୁର ଶାସକ ଥିଲେ। ହେଲେ କଳିଙ୍ଗ ଯୁଦ୍ଧ ସମୟରେ ହୋଇଥିବା ନରସଂହାର ତାଙ୍କ ମାନସିକତାକୁ ବଦଳାଇ ଦେଇଥିଲା। ସେ ସବୁକିଛି ତ୍ୟାଗ କରି ବୌଦ୍ଧଧର୍ମର ଶରଣାଗତ ହୋଇ ସେହି ଧର୍ମକୁ ଗ୍ରହଣ କରିଥିଲେ। କୁହାଯାଏ ବୌଦ୍ଧଧର୍ମ ସହ ଜଡ଼ିତ ହେବାପରେ ଏହି ଧର୍ମର ପ୍ରତୀକ ଭାବେ ଗର୍ଜନ କରୁଥିବା ସିଂହ ଆକୃତି ଥିବା ସ୍ତମ୍ଭ ସମ୍ରାଟ ଅଶୋକ ତିଆରି କରାଇଥିଲେ, ଯାହାକୁ ଅଶୋକ ସ୍ତମ୍ଭ କୁହାଗଲା। ତେବେ ସମ୍ରାଟ ଅଶୋକ ଏହି ସ୍ତମ୍ଭରେ ସିଂହର ଆକୃତିକୁ ହିଁ କାହିଁକି ବାଛିଥିଲେ ? କୁହାଯାଏ ଭଗବାନ ବୁଦ୍ଧଙ୍କର ଥିବା ୧୦୦ ନାମ ଭିତରେ 'ଶାକ୍ୟସିଂହ' ଓ 'ନରସିଂହ' ଅନ୍ୟତମ। ଏହାବାଦ ସାରନାଥରେ ଭଗବାନ ବୁଦ୍ଧ ଦେଇଥିବା ଧର୍ମ ଉପଦେଶକୁ 'ସିଂହ ଗର୍ଜନା' କୁହାଯାଏ। ତେଣୁ ସାରନାଥରେ ସେ କରିଥିବା ଅଶୋକ ସ୍ତମ୍ଭରେ ସିଂହର ଆକୃତିକୁ ପ୍ରାଧାନ୍ୟ ଦିଆଯାଇଥିଲା। ସିଂହର ପ୍ରତିମୂର୍ତ୍ତି ସାହସ, ଶକ୍ତି ଓ ଆତ୍ମବିଶ୍ୱାସର ନିଦର୍ଶନ। ଆଉ ଏହା ଭାରତର ଗର୍ବ ଗୌରବକୁ ବି ଦର୍ଶାଏ। ସେଥିପାଇଁ ଦେଶ ସ୍ୱାଧୀନ ହେବା ପରେ ଅଶୋକ ସ୍ତମ୍ଭକୁ ଜାତୀୟ ପ୍ରତୀକ ଭାବେ ଗ୍ରହଣ କରାଗଲା। ଉକ୍ତ ସ୍ତମ୍ଭରେ ଚାରୋଟି ସିଂହ ଥିଲେ ହେଁ ତିନୋଟି ସିଂହ ଦେଖାଯାଆନ୍ତି। ଏହାର ଗୋଲାକୃତି ଆକାର ପାଇଁ ଚାରୋଟି ସିଂହ ଥିଲେ ହେଁ ଯେଉଁଦିଗରୁ ଦେଖିଲେ ବି ଏଥିରେ ତିନିଟି ସିଂହ ଥିବା ପରି ଲାଗେ। ଏହି ଚାରି ସିଂହ ବୁଦ୍ଧଦେବଙ୍କର ସବୁ ଦିଗରେ ଧର୍ମର ପ୍ରସାର କରିବାକୁ ଦର୍ଶାଏ। ଏହି ଅଶୋକ ସ୍ତମ୍ଭର ତଳଭାଗରେ ଗୋଟେପଟେ ଘୋଡା ଓ ଅନ୍ୟପଟେ ଷଣ୍ଢର ଆକୃତି ଥିବାବେଳେ ଓ ଏହା ମଝିରେ ଚକ୍ର ଥିବା ଦେଖିବାକୁ ମିଳେ। ଚକ୍ରକୁ ଭାରତର ଜାତୀୟ ପତାକାରେ ବି ବ୍ୟବହାର କରାଯାଇଛି। କୁହାଯାଏ ଏଥିରେ ଥିବା ଘୋଡା ହେଉଛି ବୁଦ୍ଧଦେବଙ୍କ କନ୍ଥକ ନାମକ ଘୋଡା, ଯାହାକୁ ବ୍ୟବହାର କରି ସେ ରାଜ୍ୟତ୍ୟାଗ କରିଥିଲେ। ଷଣ୍ଢଟି ବୁଦ୍ଧଦେବଙ୍କ ରାଶିକୁ ଦର୍ଶାଏ। ତା'ଛଡ଼ା ଅଶୋକ ସ୍ତମ୍ଭ ତଳଭାଗରେ 'ସତ୍ୟମେବ ଜୟତେ' ମଧ୍ୟ ଲେଖା ଯାଇଥାଏ। ଯାହାକି ମୁଣ୍ଡକୋପନିଷଦର ସୂତ୍ର ଅଟେ। ଯାହାର ଅର୍ଥ 'ସତ୍ୟର ହିଁ ବିଜୟ ହୋଇଥାଏ'। ଏବେ ନୂଆ ସଂସଦ ଭବନର ଛାତରେ ଏକ ବିରାଟକାୟ ଅଶୋକ ସ୍ତମ୍ଭ କରାଯାଇଛି। ୬.୫ ମିଟର ଉଚ୍ଚ ଏହି ଅଶୋକ ସ୍ତମ୍ଭକୁ ସାହାରା ଦେବା ପାଇଁ ତା' ପାଖରେ ୬୫୦୦ କି.ଗ୍ରା.ର ଷ୍ଟିଲର ସଂରଚନା ବି କରାଯାଇଛି। ଯଦ୍ୱାରା କି ଏହି ଢାଞ୍ଚା ମଜବୁତ ହୋଇ ନିଜ ସ୍ଥାନରେ ରହିବ।



## ଅଶୋକ ସ୍ତମ୍ଭକୁ ନେଇ ଆଇନ କାନୁନ୍

ଜାତୀୟ ଚିହ୍ନ ଅଶୋକ ସ୍ତମ୍ଭର ସାମ୍ବିଧାନକ ମର୍ଯ୍ୟାଦା ଅଛି। ତେଣୁ ଏହାର ଗରିମାରେ କୌଣସି ପ୍ରକାରର ବାଧା ଆସିବା ଠିକ ନୁହେଁ। ସେଥିପାଇଁ ଏହାର ବ୍ୟବହାରକୁ ନେଇ ଆମ ଦେଶରେ ନାନା ନିୟମ କାନୁନ ଅଛି। ଯେମିତିକି ଏହାର ବ୍ୟବହାର କେବଳ ସମ୍ବିଧାନିକ ପଦରେ ଥିବା ବ୍ୟକ୍ତି କରିପାରିବେ। ଯାହାମଧ୍ୟରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ରୀୟ ମନ୍ତ୍ରୀ, ରାଜ୍ୟପାଳ, ଉପ ରାଜ୍ୟପାଳ, ନ୍ୟାୟପାଳିକା, ସରକାରୀ ସଂସ୍ଥାଗୁଡ଼ିକର ଉଚ୍ଚ ଅଧିକାରୀ ସାମିଲ ଅଟନ୍ତି। ତେବେ ଅବସର ନେବାପରେ କୌଣସି ପୂର୍ବ ମନ୍ତ୍ରୀ, ସାଂସଦ, ବିଧାୟକ ବିନା ଅନୁମତିରେ ଏହାକୁ ବ୍ୟବହାର କରିପାରିବେ ନାହିଁ। ଏହାର ଦୁରୁପଯୋଗ ଉପରେ ଅଙ୍କୁଶ ଲଗାଇବା ଲାଗି ଭାରତୀୟ ରାଷ୍ଟ୍ରୀୟ ଚିହ୍ନ (ଦୁରୁପଯୋଗ ଅଟକାଇବା) ଆକ୍ଟ ୨୦୦୫ ତିଆରି କରାଯାଇଥିଲା। ଯାହାକୁ ୨୦୦୭ରେ ଅପଡେଟ୍ ବି କରାଯାଇଛି। ଏହି ଆଇନ ଅନୁସାରେ ଯଦି କେହି ସାଧାରଣ ବ୍ୟକ୍ତି ଏହାକୁ ବ୍ୟବହାର କରନ୍ତି ତେବେ ତାଙ୍କୁ ୨ ବର୍ଷ ଜେଲ ଦଣ୍ଡ ସହ ୫୦୦୦ ଜରିମାନା ହୋଇପାରେ।

# ତାଲିମ ନ ନେଇ କଲେ ରେକର୍ଡ



ଗୁଜୁରାଟର ୧୧ ବର୍ଷୀୟ ବାଳକ ହାର୍ଦ୍ଦିକ ରଘୁବଂଶୀଙ୍କର ବହୁତ ଇଛା ଥିଲା ଦିନେ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇବେ। ନିଜ ମନର ଏଇ କଥାକୁ ସେ ବାପାଙ୍କୁ ଜଣାଇଥିଲେ। ବାପା ଖୁସି ହେବା ସହ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, 'ରେକର୍ଡ କରିବା ପାଇଁ କ'ଣ କରିପାରିବୁ ?' ହାର୍ଦ୍ଦିକ ସେଦିନ କହିଲେ 'ମୁଁ କାଷ୍ଟର୍ ବୋର୍ଡରେ ୩୬୦° ସ୍ପିନ୍ କରି ରେକର୍ଡ କରିବାକୁ ଚେଷ୍ଟା କରିବି।' ଏହି ଉତ୍ତରରେ ବାପା କହିଲେ, 'ହେଲେ ତୁ ତ ଏଥିପାଇଁ ତାଲିମ ନେଇନୁ।' ହାର୍ଦ୍ଦିକ କହିଲେ,' ନିଜେ ଅଭ୍ୟାସ କରି ଚେଷ୍ଟା କରିବି ରେକର୍ଡ କରିବାକୁ।' ଏହାପରଠାରୁ ହାର୍ଦ୍ଦିକ କାଷ୍ଟର ବୋର୍ଡରେ ଅଭ୍ୟାସ କରିବା ଜାରି ରଖିଲେ। କାଷ୍ଟର୍ ବୋର୍ଡ ସ୍କେଟ ବୋର୍ଡ ଭଳି କିନ୍ତୁ ଏଥିରେ ଦୁଇଟି ଚକ ଥାଏ। ଏହାର ଆକାର ତରଙ୍ଗ ପରି। ଆଉ ଖୁବ୍ ଦ୍ରୁତ ବେଗରେ ଗଡିଥାଏ। ଏହି ବୋର୍ଡରେ ସେ ଲଗାତାର ଅଭ୍ୟାସ ଜାରି ରଖିଲେ। ପୂର୍ବରୁ କାଲିଫର୍ନିଆର ଜାଭିୟର ଲୋପେଜକାଷ୍ଟର ବୋର୍ଡରେ ୧୮ ରାଉଣ୍ଡ ଘୁରି ରେକର୍ଡ କରିଛନ୍ତି। ତେଣୁ ତା'ଠୁ ଅଧିକ ରାଉଣ୍ଡକରି ରେକର୍ଡ କରିବାକୁ ହାର୍ଦ୍ଦିକ ଲକ୍ଷ୍ୟ ରଖିଲେ। ଆଉ ଶେଷରେ ସେ କାଷ୍ଟର୍ ବୋର୍ଡରେ ଏକ ମିନିଟ୍‌ରେ ୨୨ ଥର ସ୍ପିନ କରି ରେକର୍ଡ କଲେ।





## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଘୋଡ଼ାମୁହାଁ ପୁଅ

ବିଧିର ବିଧାନ ଏମିତି ଯେ, ନୀତିବାନ ନିଧିମଉସାଙ୍କ ଏକମାତ୍ର ପୁତ୍ରର ବିବାହ ବହୁ ବିଳମ୍ବରେ ଯୋଗାଡ଼ହେଲା ସିନା, କିନ୍ତୁ କ'ଣ ହେବ... ସବୁ ବିଗିଡ଼ିଗଲା । ମଉସା-ମାଉସୀ ଭାରି ଯତ୍ନରେ ପୁଅକୁ ବଢ଼େଇ ପଢ଼େଇ ଯେବେଠୁଁ ଉଚ୍ଚଶିକ୍ଷିତ କରିବାକୁ କୋଳଛଡ଼ା କରେଇ ବଡ଼ ସହରକୁ ଉଡ଼େଇଦେଲେ, ସେବେଠୁ ତା'ର ପୂର୍ବର ଗତିପଥ ବଦଳିଗଲା । ଅବଶ୍ୟ ସେଇଟା ତା'ର ଦୋଷ ନୁହଁ, ସାଙ୍ଗମାନଙ୍କ ଇଚ୍ଛାକୁ ସମ୍ମାନ ଦେଉ ଦେଉ ନିଶାଡ଼ି ହୋଇଯାଇଥିଲା । ମଉସା ସମ୍ପତ୍ତି କମେଇବାରେ ଏତେ ବ୍ୟସ୍ତ ରହୁଥିଲେ ଯେ, ପୁଅର ଗତିବିଧି ଲକ୍ଷ୍ୟ କରିବାକୁ ତର କୋଉଠି ହେଉଥିଲା ! ଖାସ୍ ଏଇ ଗୁଣ ପାଇଁ ପୁଅ ବାହାଘର ବିଳମ୍ବର ମୁଖ୍ୟ କାରଣ ଥିଲା । ଶେଷରେ ଏକ ନିପଟରେ ପାତ୍ରୀ ଯୋଗାଡ଼ହେଲା । ବନ୍ଧୁ ନିମନ୍ତ୍ରଣ ଆଦି କାର୍ଯ୍ୟ ଆଗେଇଚାଲିଲା । ବିଧୁବାବୁ ତା'ର କେଉଁ ସାଙ୍ଗମାନଙ୍କୁ ବରଯାତ୍ରୀ ପାଇଁ ନିମନ୍ତ୍ରଣ କରିବେ, ତାହାର ଗୋଟେ ଲମ୍ବାତାଲିକା ପ୍ରସ୍ତୁତକରି ତା'ଖାସ ସାଙ୍ଗ ବିନୋଦକୁ ଶୁଣାଉଁ ଶୁଣାଉଁ, ଶଙ୍କର ନାଁ ଶୁଣି ବିନୋଦ ନାକଟେକିଲା । କହିଲା, ଆରେ ସେଇଟାକୁ କିଆଁ ସାଙ୍ଗରେ ନେବୁ? ସିଏ ଗୋଟେ ନିହାତି ବେରସିକ-ଅପଦାର୍ଥ-ଅଯୋଗ୍ୟଟାଏ ! ସାଥିରେ ଗଲେ ଅଯଥା ମୁଣ୍ଡବିନ୍ଧା । ମୋ ସାଙ୍ଗ ହରିଆ ବାହାଘରକୁ ଯାଇଥିଲା ଯେ, ନାଗିନୀ ଗୀତର ମ୍ୟୁଜିକ୍ ବାଜି ନାଚଚାଲିଲା ବେଳକୁ -ସିଏ ହରେକୃଷ୍ଣ ହରେରାମ.. ଅଷ୍ଟପ୍ରହରିଆଙ୍କ ପରି ଗାଉଥିଲା ! ସିଏ ପରା ଯୋଉଠିକି ଯିବ, ଅରୁଆ ଡାଲମା ଖୋଜିବ! ବରଯାତ୍ରୀ ସିନା ସେଇମାନେ ଯାଆନ୍ତି.. ଯିଏ ରସିକିଆ ହୋଇଥିବେ, ନାକଯାଏ ନିଶା କରିପାରୁଥିବେ, ଭଲକି ମଟନ-ଚିକିନ-ଚିଙ୍ଗୁଡ଼ି ଗଳାଯାଏ ଗିଳିପାରୁଥିବେ, ଡିଜେବାଜା ତାଳେତାଳେ କମ୍ପମାନ ନାଚ ନାଚି ପାରୁଥିବ, ସେମିତିକା ଷଣ୍ଢମାର୍କା ଭେଣ୍ଡାଦଳ ଗଲେ.. ବାହାଘରରେ ସିନା ମଜା ଆସିବ! ସେଥିପାଇଁ ମୋ ସାଙ୍ଗ ପାକୁଆ ନାଁ ଲେଖ ! ଯେତେ ବୋତଲ ଖୋଲିଲେ ସିଏ ମନା ନ କରି ଗିଲାସ ବଢ଼େଇଦେବ । ନାଚିଲେ -ଗାଁ ଦାଣ୍ଡ ଧୂଳି ଉଡ଼େଇଦେବ । ସେଇଆ ହେଲା । ତା'ରି ଗୁଣ ମିଶିଲା ଭଳିଆ ଶହେ ସରିକି ସାଙ୍ଗ ବାହାଦିନ ବର ସାଥିରେ ବେଶହୋଇ ବାହାରିଲେ । ହେଲେ ବର -ବିଧୁ ମନ ଜମାରୁ ଭଲ ନ ଥିଲା । ତା' କାରଣ କିଏ ସେ କେଜାଣି ଶଶୁରଘର ଗାଁ ନାଁ ବାଛିବାଛି ଦେଇଥିଲେ 'କାଣ୍ଡୁଆ ପୁର' ବୋଲି ! ଛାଡ଼, ସହରରେ ତ ସୁନ୍ଦରୀ ଝିଅ ତା' ପାଇଁ ମିଳିଲେନି । କେଇଦିନ ଆଉ ବଜରଙ୍ଗୀ କାଛାଭିଡ଼ି, ବାଧରେ ବ୍ରହ୍ମଚାରୀ ହୋଇ ବାଡୁଆ ରହି ବୁଲିଥାନ୍ତା ! ଶେଷରେ ଏଇ ପ୍ରସ୍ତାବରେ ରାଜି ହୋଇଯାଇଥିଲା ।

ବରଯାତ୍ରୀଙ୍କ ଚର୍ଚ୍ଚାପାଇଁ ଆଗୁଆ ଆସି କାଣ୍ଡୁଆପୁର ଭେଣ୍ଡିଆମାନେ ଗାଁ ମୁଣ୍ଡ ବରଗଛ ତଳେ ଅପେକ୍ଷା କରିଥିଲେ-ଚର୍ଚ୍ଚା ସରିଲେ ପ୍ରସେସନ ବାହାରିବ ବୋଲି । ବର-ଗାଡ଼ି ସହିତ ବରଯାତ୍ରୀ ଦଳ ପହଞ୍ଚିଗଲେ । ସବୁ ସାଙ୍ଗ ଓହ୍ଲାଇ ଅଲଗା ଗାଡ଼ିରେ ଲଦାହୋଇ ଆସିଥିବା କେତୁଟା କାର୍ଟୁନ-ପେଟିକି ଟେକିନେଲେ । ତା' ସହିତ ବଡ଼ ପାଣିବୋତଲ ପ୍ୟାକେଟ ଓ ଜରିମୁଣାଭର୍ତ୍ତି ଚାଖଣ ଧରି ଧାଇଁଲେ -ପଡିଆ ପାଖ ଗଡିଆ କୂଳକୁ । ଗଲାବେଳେ ଲାଇଟ, ବାଜାବାଲାଙ୍କୁ ତାଗିଦାକରି କହିଯାଇଥିଲେ ଯେ,



ସେମାନେ ନ ଆସିବା ଯାଏଁ ପ୍ରସେସନ ବାହାରିବ ନାହିଁ । ଏଣେ ଅନ୍ୟାନ୍ୟ ବୟସ୍କ ଭଦ୍ର-ଲୋକ ବରଯାତ୍ରୀ ଚା-ଜଳଖିଆ ପାନ ଖାଇ ପ୍ରାୟ ଘଣ୍ଟେକାଳ ଅପେକ୍ଷାକରିବା ଭିତରେ ବିଧୁକୁ ସାଙ୍ଗ ବିନୋଦ ତା' ମନକଥା ବୁଝି ଥଣ୍ଡାବୋତଲରେ ଯେଉଁ ସ୍ୱତନ୍ତ୍ର ପାନୀୟ ପୂରେଇ ମଉସା, ନନା ଇତ୍ୟାଦିଙ୍କ ଉପସ୍ଥିତିରେ ଦି' ଦି'ଥର ଭଲକି ପିଆଇଦେଇ ଯାଇଥିଲା, ସମସ୍ତେ ଭାବିଲେ.. ସେଇତକ ପୁଅ-ବରର ଭାତ ନ ଖାଇଥିବା ଭୋକିଲା ପେଟ -ଶୁଖିଲା କଣ୍ଠକୁ ବଡ଼ ଉପକାରିଆ ଭିଟାମିନିଆ ପଦାର୍ଥ ବୋଲି । ଶେଷରେ ପ୍ରସେସନ ବାହାରିଲା । କାଣ୍ଡୁଆପୁର ଗାଁର ଭଦ୍ରଲୋକ, କୋଉକାଳୁ ପେଡି ସାଇତାହୋଇ ଶୋଇରହିଥିବା ସଫା ଧୋତି -ଜାମା ପିନ୍ଧି, କାଖରେ ଗୋଟେ କାଳିଆ ହ୍ୟାଣ୍ଡବ୍ୟାଗ ଜାକି, ପାକଲା ନାଲିକୁମ୍ଭ ଗାମୁଛା କାନ୍ଧରେ ପକେଇ ମୁରବିପଣିଆ ଦେଖେଇ, କେତେବେଳେ ଛୋଟମୋଟ ଗାଡ଼ିକୁ ଟ୍ରାଫିକ ପୋଲିସ ବାଗିଆ ହାତହଲେଇ ଯାଅ ଯାଅ କହୁଥାନ୍ତି ତ କେତେବେଳେ ପୁଣି ବର ସହ ପ୍ରସେସନକୁ ଆଗକୁ ନେବାକୁ କହୁଥାନ୍ତି । ହେଲେ ଏ ଟୋକାଦଳ ମ୍ୟୁଜିକବାଲାଙ୍କୁ କହୁଥାନ୍ତି.. ରଖ ! ଆଗ ଆମ ନାଚ ହଉ, ତା'ପରେ ଯିବ । କିଏ ଗୋଟାଏ ରଡ଼ିକରି କହିଲା, ଆରେ ଲଗା ସେ ଗୀତ, ବୋତଲ ଭାଙ୍ଗିବି ଗୋରୀ ତୋ ଦୁଆରେ ! ଏଇକଥା ଶୁଣି ଟେରି ମାଉସୀ କହିଲା- ମଲା, ଆମ ଗୋରୀ ଦୁଆରେ କିଆଁ ବୋତଲ ଭାଙ୍ଗିବ ? କାହିଁ ତମ ଦୁଆରେ ଭାଙ୍ଗୁନ ? ଗୋଟାଏ ଟୋକା ଝୁଲି ଝୁଲି କହିଲା, ହେ ମାଉସୀ ! ତେମେ କଥାଟା ଜମା ବୁଝୁନା ଆଉ.. । ଆମ ଦୁଆରେ ଭାଙ୍ଗିବୁ କ'ଣ ଜାଣି ଜାଣି ଆମ ଗୋଡ଼ରେ କାଚ ପଶେଇବା ପାଇଁ ? ପୁଳାଏ ଲୋକ ଫେଁ ଫେଁ ହେଇ ହସୁଥିଲାବେଳେ ରସିକିଆ ଟୋକା ଫିଲିମି ଷ୍ଟାଇଲିରେ ଥୋଡ଼ତଳେ ହାତ ଘୋଷା କହୁଥାନ୍ତି.. ପୁଷ୍ପା ଝୁକେଗା ନେହିଁ.. ! ଏଗୁଡାଦେଖି କାଣ୍ଡୁଆପୁର ଗାଁର ଭେଣ୍ଡିଆଙ୍କ ଦେହ ଜଳିଯାଉଥାଏ । ଏତିକିବେଳକୁ ପାକୁଆ ଆଉ ବିନୋଦ, ରମା-ଖୁଡ଼ୀର କଲେଜପଢୁଆ ଝିଅର ହାତଧରି ଟାଣିନେଇ, ତାଙ୍କ ସାଙ୍ଗରେ ନାଚିବାକୁ ବାଧ୍ୟକରିବା ଦେଖି, ମାଧିଆ-କକେଇଙ୍କ ପୁଅ ସାଧୁଆ ଦେହରେ ଯେମିତି କିଏ ଧାନୁଆଲଙ୍କାବଟା ବୋଳିଦେଲା କି ଆଉ ! ଆରେ! ମୋର ଏକମାତ୍ର ଗର୍ଲଫ୍ରେଣ୍ଡର ହାତଧରି ଟାଣିବ ? ଏ କୁଆଡ୍ରୁ ତମେ ଆଇଚ ? ଆଛାକରି ପାନେ ଦଉଛି ରୁହ ! କୋଉଠୁ ଆଣିଲା ଗୋଟେ ବିଦେଶୀ ମାଲ ଖାଲିବୋତଲ । ତାକୁ ଶାର୍ଟ ଛାତିଭିତରେ ଲୁଚେଇ ଅଳପ ଦେଖେଇ ଅତି ଭଦ୍ରାମିରେ ଡାକିନେଲା ଦୁଇଜଣଙ୍କୁ, ଗୋଟେ ଫାଙ୍କା ଜାଗାକୁ । ମିଶିକି ପିଇବାର ବାହାନାକରି ଏମିତି ଜାଗାରେ ଠିଆକରେଇ ଆଗପଟୁ ଏମିତିକା ଜୋରରେ ଦି' ଜଣଙ୍କୁ ଠେଲିଦେଲା ଯେ, ପଛପଟିଆ ପାରାପରି ଓଲଟିପଡ଼ିଲେ । ରକ୍ଷା ଅଛି ଇଟା-ପଥର ଭଳି ଟାଣୁଆ ଜିନିଷ ନ ଥିଲା । ଥିଲା ଚାନ୍ଦ-ମାଉସୀର ଛଅଫୁଟିଆ ଗଭିର ଗୋବର ଗଦା । ସେଇ ନରମ ଗୋବରଗାଡ଼ିଆରେ ବୁଡ଼ ପକେଇ ପାକୁଆ କହିଲା.. ଆରେ ମକର! ଏଇଟା ମର୍ତ୍ତ୍ୟ ନା ନର୍କପୁର ? ସାଧୁଆ କହିଲା.. ନାଇଁ ଭାଇ, ଏଇଟା ଅତି ପବିତ୍ର ଗୋବର । ଆଃ.. କ'ଣ କଲାରେ ଚଣ୍ଡାଳ! ବଡ଼ କଷ୍ଟରେ ମକର କାନ୍ଧରେ ଭରାଦେଇ ଉଠି ପାକୁଆ, ସାଙ୍ଗ ବିନୋଦ ହାତଧରି ବାହାରକୁ କାଢ଼ିଲା । ଛି ଛି ଛି.. କ'ଣ କଲା ! ଏକାଥରେ ନିଶା ଛଡ଼େଇ ଦେଲା ! ପଚା ଗୋବର ଗନ୍ଧ ଠୁ ଆହୁରି ଦୁର୍ଗନ୍ଧିଆ ଭାଷାର ଗାଳି, ଦୁହିଁଙ୍କ ତୁଣ୍ଡରୁ ଅନର୍ଗଳ ବାହାରୁଥିଲା । ଶୁଣିଥିଲେ... ମନ ନିର୍ମଳଥିଲେ ଗଡ଼ିଆ ଗଙ୍ଗା । ହେଲେ ଏ ଗୋବରଗଡ଼ିଆ କୋଉ ଗଙ୍ଗାସ୍ନାନ ଫଳ ଦେବ, ନା ଆଉ ବରଯାତ୍ରୀଙ୍କ ମେଳରେ ଖୁରାଟେକା ନୃତ୍ୟର ଆନନ୍ଦ ମିଳିବ ?

ସିଆଡ଼େ ପ୍ରସେସନ କନ୍ୟା ଦୁଆରେ ପହଞ୍ଚିଲା ପରେ ବାଟବରଣୀ ହୋଇ ବରକୁ ଲେଖା-ଯୋଖା ଶାଳକମାନେ କାନ୍ଧରେ ବୋହି ବେଦିମୁହାଁ ନେଲାବେଳେ, କିଏ ଗୋଟେ ସାଙ୍ଗ ଆସି ବିନୋଦ, ପାକୁଆ ବିଷୟରେ ବର କର୍ଣ୍ଣରେ କି ମନ୍ତ୍ର ଫୁଙ୍କିଲା କେଜାଣି, ବସିବାକୁ ଯାଉଥିବା ବିଧୁବାବୁ, ହଠାତ୍ ଉଠି ହନୁମନ୍ତିଆ ଉଗ୍ରରୂପ ଧାରଣକରି ପ୍ରଚଣ୍ଡ କ୍ରୋଧରେ ଗର୍ଜନକରି ରଣହୁଙ୍କାର ଦେଲେ । ଅତିପ୍ରିୟ ବଟଲ ଫ୍ରେଣ୍ଡଙ୍କ ଏମନ୍ତ କାଣ୍ଡ ଶୁଣି, କାଣ୍ଡ-ଜ୍ଞାନ ଏମିତି ଉଦ୍ରେକ ହେଲା ଯେ, ଠିକ୍‌ବେଳାରେ ବୋତଲ ମାଲ ତା' କମାଲ ଦେଖେଇଲା । ମନଭିତରେ ପୋଷାମାନି ଶୋଇଯାଇଥିବା ଭାଷାଗୁଡ଼ା ନନ୍-ଷ୍ଟପ୍ ବାହାରିଲା ! ବରର ଏମିତି ହନୁ ରୂପରେ ରାବଣଗୁଣ ଓ ଭାଷା-ଭାଷଣ ଶ୍ରବଣକରି ବଧୂବେଶ ଧରିଥିବା ସ୍ୱୟଂ କନ୍ୟା-ପାତ୍ରୀ, ତାଙ୍କ ସମ୍ମୁଖରେ ଉଭାହୋଇ ବିଭା କରିବେ ନାହିଁ ବୋଲି ସିଧାସିଧା ମନାକରି ଶୀଘ୍ର ବିଦା ହେବାକୁ ନିର୍ଦ୍ଦେଶ ଦେଲେ ।

ବିଚରା ଶିଶୁପାଳ ସାଜି ପିତାଙ୍କ ସହ ବର ଓ଼ଗେର ଆପଣା ଗୃହକୁ ପ୍ରତ୍ୟାବର୍ତ୍ତନ କଲାବେଳେ, ନିଧିମଉସା ଭାବୁଥିଲେ ଏ ଦୋଷଦେବେ କାହାକୁ? ଜାତକ ରାଜଯୋଟକରେ ଶୁଝେଇଥିବା ଜ୍ୟୋତିଷଙ୍କୁ, ନା ମଧ୍ୟସ୍ଥଙ୍କୁ, ନା ଆପଣା ଯୋଗ୍ୟ-ନନ୍ଦନଙ୍କୁ, ନା ତା' ସାଙ୍ଗ ନା ଭାଗ୍ୟକୁ? ଘରେ ପହଞ୍ଚି ଆପଣା ପତ୍ନୀ କି ସବୁ ଘଟଣା ଜଣେଇ, ଲୁହ-କୋହଭରା ହୃଦୟରେ କହୁଥିଲେ...ହାଏରେ କପାଳ! ଅଣଚାଳିଶି ବରଷିଆ ନିଶାଡ଼ିପୁଅକୁ, ବାଡୁଅପାଣିରେ ଗାଧେଇ ବରବେଶ କରି ସେ ଓଥଡା ରହିଲା ନିଜେ, ବରଂ କୋଳରେ ସିଏ ଜନମିଥିଲା.. ଆମ ବଅଁଶ ବୁଡ଼େଇବାକୁ!!


*-ମଙ୍ଗରାଜପୁର, ପୁରୀ, ମୋ:୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### ଅବଲଗ୍ନା

**ପ୍ରଦୀପ୍ତ କୁମାର ସାହୁ**
**ପ୍ରକାଶକ-କୋଠଘର ଆମ ସାହିତ୍ୟ ପରିବାର**
**ଆଇଆରସି ଭିଲେଜ, ଭୁବନେଶ୍ୱର, ମୂଲ୍ୟ-୧୦୧ଟଙ୍କା**


'ଅବଲଗ୍ନା'ରେ ୫୧ଟି କବିତା ସ୍ଥାନ ପାଇଛି । କବିଙ୍କ କଳ୍ପନାର ସ୍ୱତନ୍ତ୍ରତା ଓ ଗଭୀରତା କବିତାଗୁଡିକରେ ବାରି ହୋଇପଡେ । ପୁସ୍ତକର ଦ୍ୱିତୀୟ କବିତା ହେଉଛି ଅବଲଗ୍ନା । କବିତାରେ ନାରୀର ବିଭିନ୍ନ ରୂପ ବର୍ଣ୍ଣନା କରାଯାଇଛି । ପ୍ରଳୟ ବି ଆଣିପାରେ ନାରୀ/ସୃଷ୍ଟି ବି କରିପାରେ ରକ୍ଷା/ଯେଣୁ ମୁଁ ନେଇଛି ସୃଜନର ଦୀକ୍ଷା, ଏହି ତ ବିବଶତା ମୋର/ ବନ୍ଧା ମୁଁ ଚିରଦିନ ତୁମ ନିୟମରେ/ ଅବଲଗ୍ନା ଯେଣୁ ତୁମରି ସୃଷ୍ଟିରେ । କବିତାଗୁଡିକ ସୁଖପାଠ୍ୟ, ଶୀର୍ଷକ ଓ ଶବ୍ଦାବଳୀ ସବୁଥିରେ ଏହାର ସ୍ୱାତନ୍ତ୍ର୍ୟ ବୁଝିହୁଏ । ଆରମ୍ଭରୁ ଶେଷ ଯାଏ ଏମିତି କବିତାର ବର୍ଣ୍ଣାଳୀ ପାଠକଙ୍କୁ ମୁଗ୍ଧ ଓ ମୋହିତ କରିବ ଏଥିରେ ସନ୍ଦେହ ନାହିଁ ।




### ଜନବଚନ

**ହରିମୋହନ ପଣ୍ଡା, ସର୍ଜନା, ପାଣିଗ୍ରାହୀ ସାହି**
**ଗୋସାଇଁନୂଆଗାଁ, ବ୍ରହ୍ମପୁର-୩, ମୂଲ୍ୟ-୨୦୦ଟଙ୍କା**

ଲୋକକଥା, ଢଗଢମାଳି, ବ୍ୟଞ୍ଜନାତ୍ମକ ଖଣ୍ଡବାକ୍ୟ, କଥାରେ ଲଥା, ଜନତୁଣ୍ଡର ଭାଷା ହେଉଛି ପ୍ରତ୍ୟେକ ଜାତିର ସାଂସ୍କୃତିକ ବିଭବ । ଏହି ବିଭବଗୁଡିକୁ ବଞ୍ଚାଇ ରଖିବା ହେଉଛି ଜାତୀୟ କର୍ତ୍ତବ୍ୟ । ଆଧୁନିକ ଜନଜୀବନରୁ ପ୍ରଚଳିତ ଜନବଚନ ହଜି ଯାଉଛି । ସହଜ, ଶାବଳୀଳ ଓ ସରଳ ଭାଷା ଏଥିରେ ବ୍ୟବହାର କରାଯାଇଛି । ଜନବଚନକୁ ଏକତ୍ର ସଂକଳନ କରି ସେ ସବୁର ବ୍ୟବହାରିକ ଅର୍ଥ ସହ ସଂକଳିତ କରିବା ପ୍ରସଂଶନୀୟ ଉଦ୍ୟମ । ଓଡିଆ ଭାଷା ଓ ଏହାର ବ୍ୟବହାର ସଂକୁଚିତ ହୋଇ ଆସୁଥିବା ବେଳେ ଜନବଚନ ଯେ, ଓଡିଆ ଭାଷାର ସାମର୍ଥ୍ୟ ବୃଦ୍ଧି କରିବ ଏଥିରେ ସନ୍ଦେହ ନାହିଁ । ଓଡିଆ ପାଠକେ ପୁସ୍ତକକୁ ଆଦର କରିବେ ବୋଲି ଆଶା ।




### ପ୍ରିୟ ବାନ୍ଧବୀ ଓ ଅନ୍ୟାନ୍ୟ କବିତା

**ଶାନ୍ତନୁ କୁମାର ଦାସ, ପ୍ରକାଶକ-କାବ୍ୟଲୋକ**
**ଗ୍ୟାରେଜ ଛକ, ଭୁବନେଶ୍ୱର, ମୂଲ୍ୟ-୨୦୦ଟଙ୍କା**

'ପ୍ରିୟ ବାନ୍ଧବୀ ଓ ଅନ୍ୟାନ୍ୟ କବିତା' ଶାନ୍ତନୁ କୁମାର ଦାସଙ୍କ ପୁସ୍ତକ । ଏଥିରେ ୬୨ଟି କବିତା ରହିଛି । ପ୍ରକାଶିତ କବିତାଗୁଡିକ ରେମାଣ୍ଟିକ୍ । ବିତିଯାଇଥିବା ସ୍ମୃତି ମଣିଷ ପାଇଁ ବଞ୍ଚିବାରେ ପାଥେୟ । ତରୁଣ ବୟସର କେତେକ ମଧୁର ସ୍ମୃତିକୁ ଏହି ସଂକଳନରେ ବାନ୍ଧି ରଖିବାକୁ ପ୍ରୟାସ କରାଯାଇଛି । ଆଜିବି କବିଙ୍କର ମନେ ପଡୁଛି ଅତୀତର ସେହି ଦିନଗୁଡିକ । ସେଇ ଗାଁ, ବିଲ, ବନ, ନିର୍ମଳ ଶରତ ଆକାଶର ଜହ୍ନଭିଜା ରାତି । ଗାଁର ଖରା, ବର୍ଷା ଓ ନଇକୂଳର ସୁଲୁସୁଲିଆ ପବନ ମନରେ ସିହରଣ ସୃଷ୍ଟି କରିଥାଏ । ଯେଉଁ କବିତା ପଢିବେ ବିରହି ହେଉ କିମ୍ବା କାଲିପରି ମନେପଡେ ହେଉ ତାହା ନିଶ୍ଚୟ ପୂର୍ବ ସ୍ମୃତିକୁ ମନରେ ବାନ୍ଧି ରଖିବାର ପ୍ରୟାସ କରିବ । ପୁସ୍ତକଟି ପାଠକୀୟ ସ୍ୱୀକୃତିର ଆଶା ରଖେ ।



ବ୍ୟାକ୍ ପେଜ୍

# ସ୍ମାର୍ଟ ଜ୍ୟାକେଟ୍

ଜିନ୍ସ ଜ୍ୟାକେଟ୍ ଷ୍ଟାଇଲିଶ ଲୁକ୍ ଦେଇଥାଏ। ତେଣୁ ଏହା ସବୁବେଳେ ଫ୍ୟାଶନ୍‌ରେ ରହିଆସିଛି। ତେବେ ଜାଣନ୍ତି କି ଏବେ ଜିନ୍ସର ସ୍ମାର୍ଟ ଜ୍ୟାକେଟ୍ ବି ଆସିଲାଣି, ଯାହାକି ଏକ କମ୍ପ୍ୟୁଟରାଇଜ୍‌ଡ ଜ୍ୟାକେଟ୍। କଥାଟି କୌଣସି ସାଇନ୍ସ ଫିକ୍ସନ ମୁଭି ପରି ଲାଗୁଥିବ। ହେଲେ ଗୁଗଲ ଓ ଲିଭାଇସ୍ କମ୍ପାନୀ ମିଳିତ ଭାବେ ଉକ୍ତ ସ୍ମାର୍ଟ ଜ୍ୟାକେଟ୍ ତିଆରି କରିଛନ୍ତି। ଏଥିରେ ଗୁଗଲର ଜାକ୍ୱାର୍ଡ ଟେକ୍ନୋଲୋଜି ବ୍ୟବହାର କରାଯାଇଛି। ଜ୍ୟାକେଟର ବାମ ହାତର ସ୍ଲିଭ୍‌ରେ ଏହାକୁ ଲଗାଯାଇଛି। ଯାହା ବ୍ୟବହାରକାରୀଙ୍କ ମୋବାଇଲ ସହ କନେକ୍ଟ ହୋଇପାରେ। ତେଣୁ ଜ୍ୟାକେଟ୍ ମାଧ୍ୟମରେ ମୋବାଇଲର ବିଭିନ୍ନ ସର୍ଭିସ ଯେମିତିକି ମେସେଜ୍, ମ୍ୟୁଜିକ, ମ୍ୟାପ୍ ବ୍ୟବହାର କରିହେବ।



ତାସହ କଲ୍ ରିସିଭ ମଧ୍ୟ କରିହେବ। ସେପୁଣି ସ୍ଲିଭ୍‌ରେ ଥିବା ଏକ ଛୋଟ ଡିଭାଇସ୍‌କୁ ଛୁଇଁ। ଏହି ଜ୍ୟାକେଟ୍ ସାଇକେଲ ଚଳାଇବା ସମୟରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ। ଫୋନ୍ ରିସିଭ ନ କରିପାରୁଥିଲେ କି ରାସ୍ତା ଜାଣିବାକୁ ଚାହୁଁଥିଲେ ଏହାକୁ ବ୍ୟବହାର କରି ହେବ। ଆଉ ସବୁଠୁ ବଡ଼ କଥା ହେଲା। ଏହି ଜ୍ୟାକେଟ୍ ୱାଶେବଲ୍ ମଧ୍ୟ। ସ୍ଲିଭ୍‌ରେ ଲାଗିଥିବା ଯନ୍ତ୍ରକୁ ବାହାର କରିଦେଲେ ଆରାମରେ ଏହାକୁ ସଫା କରିହେବ।





# କ୍ୟୁବ୍ କୁଇନ୍

ଯେଉଁ ବୟସରେ କଣ୍ଢେଇ ସହ ଖେଳିବା କଥା ସେଇ ବୟସରେ ୬ ବର୍ଷୀୟା କାଓ କିଜିଆନ କରିଛନ୍ତି ୱାର୍ଲଡ ରେକର୍ଡ। ସେପୁଣି କଠିନ ବ୍ରେନ୍ ଗେମ୍ ରୁବିକ୍ କ୍ୟୁବ୍‌କୁ ସବୁଠୁ କମ୍ ସମୟରେ ସମାଧାନ କରି। ମାତ୍ର ୩ ବର୍ଷ ବୟସରୁ ସେ କ୍ୟୁବ୍ ଖେଳିବା ଆରମ୍ଭ କରିଥିଲେ। ଜଣେ ସମ୍ପର୍କୀୟ ଭାଇ ତାଙ୍କୁ ସ୍ପିଡ କ୍ୟୁବିଂ ଆର୍ଟ ଶିଖାଇଥିଲେ। ଗୋଟିଏ ବର୍ଷ ଭିତରେ ଖୁବ କମ୍ ସମୟରେ ସେ କ୍ୟୁବ୍ ସଲ୍‌ଭ କରିପାରିଲେ। ଏହାପରେ କାଓଙ୍କ ମା'ବାପା ତାଙ୍କ ପାଇଁ କୋଚ୍ ବି ରଖିଲେ। କାଓଙ୍କୁ କ୍ୟୁବ ସଲ୍‌ଭ କରିବାକୁ ଏତେ ଭଲ ଲାଗୁଥିଲା ଯେ, ଦିନକୁ ୨-୩ ଘଣ୍ଟା ଯେମିତି ବି ହେଉ ଅଭ୍ୟାସ କରୁଥିଲେ। ଫଳରେ ଦିନକୁ ଦିନ ତାଙ୍କର କ୍ୟୁବ୍ ସଲ୍‌ଭ କରିବା ଦକ୍ଷତା ବଢ଼ିବାକୁ ଲାଗିଲା। ପ୍ରଥମେ ଯେଉଁଠି ତାଙ୍କୁ ୧୨ ସେକେଣ୍ଡ ଲାଗୁଥିଲା ସଲ୍‌ଭ କରିବାକୁ ପରେ ତାହା କମି ୧୦ ସେକେଣ୍ଡକୁ ଆସିଲା। ହେଲେ ଦୁଃଖର ବିଷୟ ମଝିରେ ସେ ଏକ ଦୁର୍ଘଟଣାର ଶିକାର ହେଲେ। ତାଙ୍କର ମନୋବଳ ଭାଙ୍ଗିଗଲା। ପରିବାର ଲୋକେ ନିଜେ କ୍ୟୁବ୍ ଧରି ତାଙ୍କ ପାଖରେ କ୍ୟୁବ୍ ସଲ୍‌ଭ କରି କାଓଙ୍କ ମନୋବଳ ବଢ଼ାଇବାକୁ ଚେଷ୍ଟା କଲେ। ଏମିତିକି ପରିବାର ଲୋକେ ବିଭିନ୍ନ କ୍ୟୁବ ସଲ୍‌ଭିଂ ପ୍ରତିଯୋଗିତାରେ ଅଂଶ ଗ୍ରହଣ ବି କଲେ। ଏମିତିରେ କାଓଙ୍କର ପୁଣିଥରେ କ୍ୟୁବ୍ ସଲ୍‌ଭ କରିବାର ଝୁଙ୍କ ବଢ଼ିଲା। ଆଉ ମାତ୍ର ୬ ବର୍ଷ ବୟସରେ ସିଙ୍ଗାପୁରରେ ୱାର୍ଲଡ କ୍ୟୁବ୍ ଆସୋସିଏସନ୍ ତରଫରୁ ଆୟୋଜିତ ରୁ୍ୟବିକ କ୍ୟୁବ୍ ଇଣ୍ଟରନ୍ୟାଶନାଲ ଓପନ ଟୁର୍ନାମେଣ୍ଟରେ ଭାଗ ନେଇ ମାତ୍ର ୫.୯୭ ସେକେଣ୍ଡରେ କ୍ୟୁବ୍ ସଲ୍‌ଭ କଲେ। ଫଳରେ ସବୁଠୁ କମ୍ ସମୟରେ କ୍ୟୁବ୍ ସଲ୍‌ଭ କରିଥିବା ପ୍ରଥମ ମହିଳାର ରେକର୍ଡ କଲେ।





# ମାଇକ୍ରୋୱେଭ ବ୍ୟାଗ୍

ଏଇ ବ୍ୟାଗଟି ଦେଖିବାକୁ ଏକ ଷ୍ଟାଇଲିଶ ଲ୍ୟାପଟପ୍ ବ୍ୟାଗ୍ ପରି ଲାଗୁଥାଇପାରେ। ହେଲେ ଏହା କଣ୍ଡକ୍ଟିଭ ଫ୍ୟାବ୍ରିକ୍‌ରେ ତିଆରି ଏକ ବ୍ୟାଗ୍, ଯାହା ଭିତରେ ୨୫୦° ସେ. ପର୍ଯ୍ୟନ୍ତ ତାପମାତ୍ରା ହୋଇପାରେ। ଅର୍ଥାତ୍ ଏହା ଏକ ମୁଭେବଲ ମାଇକ୍ରୋୱେଭ ବ୍ୟାଗ୍। ଶୀତଦିନ ପାଇଁ ଏହି ବ୍ୟାଗ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ। ବାହାରକୁ ଯିବାବେଳେ ଯଦି ଖାଦ୍ୟ ନେଇକି ଯାଉଥାଆନ୍ତି ଆଉ ତାହା ଥଣ୍ଡା ହୋଇଯାଏ, ତେବେ ଉକ୍ତ ବ୍ୟାଗ୍ ଭିତରେ ଖାଦ୍ୟକୁ ରଖିଲେ ଗରମ ହୋଇଯିବ। କାରଣ ଏହା ହେଉଛି ପୃଥିବୀର ପ୍ରଥମ ମାଇକ୍ରୋୱେଭ ବ୍ୟାଗ୍। ଏହାର ନାମ ହେଉଛି 'ୱିଲକୁକ୍'। ଏହା ଭିତରେ ୫ ମିନିଟରେ ୮୦° ସେଣ୍ଟିଗ୍ରେଡ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିପାରେ। ଯଦ୍ୱାରା ଖାଦ୍ୟ ବେଶ୍ ଭଲରେ ଗରମ ହୋଇଯାଏ। ଏହାବାଦ ବ୍ୟବହାରକାରୀ ହୋଟୋପିଆ ନାମକ ସ୍ମାର୍ଟଫୋନ ଆପ୍ ଦ୍ୱାରା ଏହାର ତାପମାତ୍ରା ୨୫୦° ପର୍ଯ୍ୟନ୍ତ ବଢ଼ାଇପାରିବେ। ଉକ୍ତ ବ୍ୟାଗର ଓଜନ ୧୬୦ ଗ୍ରାମ। ଥିରେ ଥିବା ରିଚାର୍ଜେବଲ ବ୍ୟାଟେରୀର ଓଜନ ୧୨୦ ଗ୍ରାମ। ଏହି ବ୍ୟାଟେରୀରୁ ହିଁ ପାୱାର ନେଇ ଉକ୍ତ ବ୍ୟାଗ୍ ହିଟ ଜେନେରେଟ କରିଥାଏ। ଏହାର ଆଶ୍ଚର୍ଯ୍ୟକର ଫ୍ୟାବ୍ରିକକୁ ଜାପାନର କମ୍ପାନୀ ସାନ୍‌କି କୋନସିସ୍ କର୍ପୋରେସନ୍ ଲି. ତିଆରି କରିଛି।